ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ

# ହସ ଫୁଟିଲା ପରିବାର ତିଷ୍ଠିଲା

ଆମ ସଫଳତାର କିଛି କଥା....

୨୦୨୧

OSCW

Odisha State Commission for Women


ମୁଖ୍ୟ ସଂପାଦିକା

**ଡକ୍ଟର ମିନତି ବେହେରା**

ଓଡ଼ିଶା ରାଜ୍ୟ ମହିଳା ଆୟୋଗ

ରାଜ୍ୟ ମହିଳା ଆୟୋଗ

ତୃତୀୟ ମହଲା, ତୋଷାଳି ଭବନ,

ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭

ଫୋନ୍ : (୦୬୭୪) ୨୫୭୩୮୫୦, ଫ୍ୟାକ୍ସ : (୦୬୭୪) ୨୫୭୩୮୫୦

**E-mail : oscw.od@nic.in**

# ହସ ଫୁଟିଲା
# ପରିବାର ତିଷ୍ଠିଲା


ମୁଖ୍ୟ ସଂପାଦିକା
ଡକ୍ଟର ମିନତି ବେହେରା
ଓଡ଼ିଶା ରାଜ୍ୟ ମହିଳା ଆୟୋଗ



ସହଯୋଗିତା
ସମସ୍ତ ସଦସ୍ୟା ଏବଂ କର୍ମକର୍ତ୍ତାଗଣ

ପ୍ରକାଶକାଳ : ୧୪ ଜାନୁୟାରୀ ୨୦୨୧

ଅକ୍ଷର ଓ ଅଙ୍ଗସଜ୍ଜା :
ସନ୍‌ସାଇନ୍ ପ୍ରିଣ୍ଟର୍ସ, କଟକ

ପ୍ରଚ୍ଛଦ : ବିଜୟ କୁମାର ପ୍ରଧାନ

ମୁଦ୍ରଣ : କ୍ରିଏଟିଭ୍, ବାଦାମବାଡ଼ି, କଟକ



ସମସ୍ତ ଯୋଗାଯୋଗ :
ରାଜ୍ୟ ମହିଳା ଆୟୋଗ
ତୃତୀୟ ମହଲା, ତୋଷାଳି ଭବନ,
ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : (୦୬୭୪) ୨୫୭୩୮୫୦, ଫ୍ୟାକ୍ସ : (୦୬୭୪) ୨୫୭୩୮୫୦
E-mail : oscw.od@nic.in



## ସମ୍ପାଦକୀୟ...

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଅଧିକାର ଦିଆଯାଇଛି । ଯେଉଁଠି ଜାତି, ଧର୍ମ, ବର୍ଣ୍ଣ ବା ଲିଙ୍ଗର କୌଣସି ପ୍ରଭେଦ ନଥାଏ । ତେବେ ମହିଳାମାନଙ୍କ ପ୍ରତି ଏତେ ଅଣଦେଖା କାହିଁକି ?

ଗୋଟିଏ ଜାତି ସେତିକିବେଳେ ଆଗକୁ ଯାଏ, ଯେତେବେଳେ ମହିଳାମାନେ ପରିବାରରେ, ସମାଜରେ ଏବଂ ରାଷ୍ଟ୍ରରେ ସମ୍ମାନର ସହ ବଞ୍ଚିଥାନ୍ତି । ମହିଳାମାନଙ୍କ ପାଇଁ ଗୋଟିଏ ପରିବାର ସୁଖ-ଶାନ୍ତିର ସ୍ୱପ୍ନ ଦେଖେ । ଆମ ଶାସ୍ତ୍ରରେ ଅଛି- ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତାଃ - ଅର୍ଥାତ୍ ଯେଉଁ ସମାଜରେ ନାରୀ ପୂଜା ପାଏ, ସମ୍ମାନିତା ହୁଏ, ସେ ସମାଜ ଦେବତୁଲ୍ୟ ସମାଜ ଭାବେ ପରିଗଣିତ ହୁଏ । ଯେଉଁ ପରିବାରରେ ନାରୀ ନିର୍ଯ୍ୟାତିତା- ସେ ପରିବାର ନର୍କସଦୃଶ । ଏଣୁ ନାରୀମାନଙ୍କୁ ସମ୍ମାନ ଦେବା, ସେମାନଙ୍କୁ ଯଥାସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମ ସମାଜର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । କଥାରେ ଅଛି- ଗୋଟିଏ ମାଆ ଶିକ୍ଷିତା ହେଲେ, ପରିବାର ଶିକ୍ଷିତ ହୁଏ । ମାଆଟିଏ ପରିବାରକୁ ଶୃଙ୍ଖଳିତ କରି ଗଢ଼େ ।

ଆଜି ଏକବିଂଶ ଶତାବ୍ଦୀରେ ଶିକ୍ଷା ସଭ୍ୟତା ଆଗକୁ ବଢ଼ିବା ସହିତ ନାରୀମାନେ ମଧ୍ୟ ବେଶ୍ ଦକ୍ଷତାର ସହିତ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ସାରିଲେଣି । ମାତ୍ର ନିର୍ଯ୍ୟାତନାରୁ ମୁକ୍ତି ହୋଇପାରି ନାହାନ୍ତି । କୌଣସି ନା କୌଣସି କ୍ଷେତ୍ରରେ ନାରୀ ନିର୍ଯ୍ୟାତନାର ଶିକାର ହେଉଛି । ସେ ପାରିବାରିକ ହିଂସା ହେଉ କିମ୍ବା ଯୌତୁକ ନିର୍ଯ୍ୟାତନା ବା ଯୌନ ନିର୍ଯ୍ୟାତନା, କର୍ମକ୍ଷେତ୍ରରେ ହତାଶା କଥା ହେଉ କିମ୍ବା କନ୍ୟା ଭ୍ରୁଣହତ୍ୟା ହେଉ, ବାଲ୍ୟବିବାହ କଥା ହେଉ ବା ଡାହାଣୀ ଭାବି ନିର୍ଯ୍ୟାତନା କଥା, ସାଇବର ଅପରାଧ ହେଉ କିମ୍ବା ସମ୍ପତ୍ତିଗତ ଅଧିକାର, ସର୍ବୋପରି ନାରୀ ସମ୍ବନ୍ଧୀୟ ଯେତେ ଅଧିକାର ହେଉ ଏସବୁର ଉଲ୍ଲଙ୍ଘନ ହେଲେ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ବିଚାରାଳୟ ରହିଛି । ମାତ୍ର ଶୀଘ୍ର ଆପୋଷ ସମାଧାନ କରିବା ପାଇଁ ସରକାର ଗଠନ କରିଛନ୍ତି ରାଜ୍ୟ ମହିଳା କମିଶନ । ୧୯୯୩ ମସିହାରୁ ଏହି ଆୟୋଗ ମହିଳାମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆପୋଷ ସମାଧାନ କରିବା ସହିତ ଆବଶ୍ୟକ ପଡ଼ିଲେ ଶିବିର ଅଦାଲତ, ଆଇନ ସଚେତନତା କାର୍ଯ୍ୟକ୍ରମ କରିଥାଏ । ବିଶେଷକରି ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କିଭଳି ସୁଦୃଢ଼ ରହିବ ବା ଅନୁସୂଚିତ ଜାତି ଓ ଜନଜାତିର ମହିଳାମାନେ କିଭଳି ସମାଜର ମୁଖ୍ୟ ଧାରାକୁ ଆସିବେ, ସେଥିପାଇଁ ସରକାରଙ୍କୁ ସୁପାରିଶ କରିଥାଏ ।

ଆୟୋଗକୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଉଭୟ ପକ୍ଷଙ୍କୁ ଡକାଯାଇ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହିତ ସମାଧାନ କରାଯିବା ପାଇଁ ପ୍ରୟାସ ହୋଇଥାଏ । ଯେଉଁମାନଙ୍କ ସମସ୍ୟା ଏଠାରେ ସମାଧାନ ହେବା ସହିତ ସେମାନେ ପରିବାରରେ ସୁଖ-ଶାନ୍ତିରେ ଚଳନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଆଦର୍ଶ ଭାବରେ ପରିଗଣିତ ହୁଅନ୍ତି । ସେହିମାନଙ୍କ ଘଟଣାକୁ ନେଇ ଆମର ଏହି ପ୍ରୟାସ 'ହସ ଫୁଟିଲା ପରିବାର ତିଷ୍ଠିଲା' ଯାହାକି କମିଶନର ସଫଳତାର କିଛି ଘଟଣା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ।

ଡକ୍ଟର ମିନତି ବେହେରା

ଜିଲ୍ଲା : କେନ୍ଦୁଝର

କେସ୍ ନଂ : ୩୪/୧୯

ପକ୍ଷ : ମମତା ବିଶୋଇ

ଅପରପକ୍ଷ : ସ୍ୱାମୀ / ଶାଶୁ / ଶ୍ୱଶୁର

କେସ୍ ପ୍ରକାର : ଘରୋଇ ହିଂସା ଜନିତ ନିର୍ଯ୍ୟାତନାର ପ୍ରତିଛବି

ନିଜେ ଚାକିରୀ କରି ରୋଜଗାରକ୍ଷମ ହୋଇଥିଲେ ମଧ୍ୟ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ଦ୍ୱାରା ନିର୍ଯ୍ୟାତିତା ହେଉଥିବାର ଅଭିଯୋଗ କଲେ କେନ୍ଦୁଝରର ମମତା ବିଶୋଇ (ଛଦ୍ମ ନାମ) । ଶାଶୁ ଘର ଲୋକେ ତାଙ୍କ ବାପା ମାଆଙ୍କୁ ମଧ୍ୟ ଅସମ୍ମାନ କରୁଛନ୍ତି । ଏପରିକି ବିବାହର ଏକ ବର୍ଷ ପରେ ପୁଅ ଜନ୍ମ ପରଠାରୁ ତାଙ୍କୁ ଚାକିରୀ ଛାଡିବାକୁ ବାଧ୍ୟ କରାଯାଉଛି ବୋଲି ମଧ୍ୟ ଅଭିଯୋଗ କଲେ ।

ଅଭିଯୋଗ ପାଇବା ପରେ ତାରିଖ ଧାର୍ଯ୍ୟ କରି ଶୁଣାଣି ପାଇଁ ଉଭୟ ପକ୍ଷଙ୍କୁ ଡକାଗଲା । ଆଲୋଚନା ବେଳେ ଅପର ପକ୍ଷ, ବିବାହ ସମୟରେ କନ୍ୟାଘର ପକ୍ଷରୁ ହୋଇଥିବା କିଛି ତୃଟିକୁ ଉଲ୍ଲେଖ କରିବା ସହ ବୋହୂ ଚାକିରି କଲେ ଘରକାମ କିଏ କରିବ ବୋଲି ସଫେଇ ଦେଇଥିଲେ ।

କିନ୍ତୁ ଘରର କାମ ବାହାନାରେ ଜଣେ ମହିଳାଙ୍କର ସାମାଜିକ ତଥା ଆର୍ଥିକ ଅଧିକାର କ୍ଷୁର୍ଣ୍ଣ ହେଉଥିବାର ଜାଣି ମହିଳା ଅୟୋଗ ଏହାକୁ ଗୁରୁତର ସହ ବିଚାରକୁ ନେଲେ । ବହୁ ଆଲୋଚନା ତଥା ବୁଝାସୁଝା ପରେ ଅପର ପକ୍ଷମାନେ ସେମାନଙ୍କର ଭୁଲ୍ ବୁଝି ପାରିଲେ । ବୋହୂକୁ ଚାକିରୀ କରିବାକୁ ବାରଣ କରିବେନି, କାମପାଇଁ ଜଣେ ଲୋକକୁ ରଖିବାକୁ ବି ରାଜି ହେଲେ । ସେହିପରି ବୋହୂ ଚାକିରୀ କରୁଥିଲେ ମଧ୍ୟ ବୃଦ୍ଧ ଓ ରୁଗ୍ଣ ଶାଶୁ ଶ୍ୱଶୁରଙ୍କର ସେବା ଯତ୍ନରେ ଅବହେଳା କରିବେ ନାହିଁ ବୋଲି ପ୍ରତିଶୃତି ଦେଲେ । କିଛି ମାସ ପରେ ନିଜେ ସ୍ୱାମୀ-ସ୍ତ୍ରୀ ଆସି ଆୟୋଗର ହସ୍ତକ୍ଷେପ ଏବଂ ଉଚିତ୍ ନିଷ୍ପତ୍ତି ଫଳରେ ଏବେ ସେମାନେ ଭଲରେ ଚଳୁଛନ୍ତି ବୋଲି ଖୁସି ବ୍ୟକ୍ତ କରିବା ସହ ଆୟୋଗକୁ କୃତଜ୍ଞତା ଜ୍ଞାପନ କଲେ । ପରସ୍ପର ସହଭାଗିତାରେ ପରିବାର ବେଶ୍ ସୁଖରେ ଚାଲିଲା ।



ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର

କେସ୍ ନଂ : ୧୮୩/୧୯

.............................................................................................

ପକ୍ଷ : କର୍ମଜୀବୀ ମହିଳା

ଅପରପକ୍ଷ : ଉପରସ୍ଥ କର୍ମଚାରୀ

.............................................................................................

କେସ୍ ପ୍ରକାର : କର୍ମ କ୍ଷେତ୍ରରେ ହଇରାଣ ଜନିତ ଅଭିଯୋଗ

.............................................................................................

ଅଭିଯୋଗ ଥିଲା ଯେ ଦରଖାସ୍ତକାରିଣୀ ସର୍ଭିସ ପ୍ରୋଭାଇଡର ମାଧ୍ୟମରେ ଏକ କାର୍ଯ୍ୟାଳୟରେ ଜଣେ ଡାଟାଏଣ୍ଟ୍ରି ଅପରେଟର ଭାବରେ ଯୋଗଦେବା ପରେ ଅଫିସ୍‌ର ବଡବାବୁ ଏଥିପାଇଁ ତାଙ୍କୁ ୨୦,୦୦୦ ଟଙ୍କା ଦାବୀ କଲେ । ମାତ୍ର ସେ ଟଙ୍କା ନଦେବାରୁ ଉକ୍ତ ବଡବାବୁ ସମେତ କାର୍ଯ୍ୟାଳୟର କିଛି ଅଧିକାରୀ ମିଶି କାମର ବିଭିନ୍ନ ବାହାନା ଦେଖାଇ ତାଙ୍କୁ ହଇରାଣ କରି ଆସୁଥିଲେ, ତାଙ୍କ କାମକୁ ପସନ୍ଦ କରୁନଥିଲେ, ତାଙ୍କୁ ଅଧିକ ରାତି ପର୍ଯ୍ୟନ୍ତ କାମ କରିବାକୁ ବାଧ୍ୟ କରୁଥିଲେ । ଏପରିକି ତାଙ୍କୁ ଖରାପ ନଜରରେ ଦେଖି ତାଙ୍କୁ ଚାକିରୀରୁ ବାହାର କରି ଦେଇଛନ୍ତି । ଏ ଘଟଣା କମିଶନଙ୍କ ନଜରକୁ ଆସିଲା ।

ତେଣୁ ଆୟୋଗ ତରଫରୁ ଉଭୟ ପକ୍ଷଙ୍କୁ ଡକାଇ ଏ ବିଷୟରେ ପ୍ରାଥମିକ ତଦନ୍ତ କରାଯାଇଥିଲା । ଅପର ପକ୍ଷମାନେ ଅଭିଯୋଗକୁ ମିଛ ବୋଲି କହି ଖଣ୍ଡନ କରିଥିଲେ ମଧ୍ୟ ଶେଷରେ ଦରଖାସ୍ତକାରିଣୀଙ୍କୁ ଚାକିରୀରେ ପୁନଃ ଅବସ୍ଥାପିତ କରିଥିଲେ । ଆଉ ଦରଖାସ୍ତକାରିଣୀଙ୍କର ଚାକିରୀ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ହସ୍ତକ୍ଷେପ କରିବେ ନାହିଁ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ । ଫଳରେ କର୍ମ କ୍ଷେତ୍ରରେ ଜଣେ ମହିଳାଙ୍କର ଚାକିରୀ ଓ ସମ୍ମାନ ବଜାୟ ରହିଲା ।

•

(ନାରୀର ପ୍ରଗତି, ଦେଶର ଉନ୍ନତି ।)



ଜିଲ୍ଲା : ଜଗତ୍‌ସିଂହପୁର

କେସ୍ ନଂ : ୬୮/୧୯

ପକ୍ଷ : ସିପ୍ରା ମୁଦୁଲି

ଅପରପକ୍ଷ : ସ୍ୱାମୀ / ଶ୍ୱଶୁର

କେସ୍ ପ୍ରକାର : ଘରୋଇ ହିଂସା ଓ ଯୌତୁକ ଜନିତ ନିର୍ଯ୍ୟାତନାର ପ୍ରତିଛବି

ଅଭିଯୋଗକାରିଣୀ ସିପ୍ରା ମୁଦୁଲି (ଛଦ୍ମ ନାମ) ଅଭିଯୋଗ କଲେ ଯେ ତାଙ୍କର ବୈବାହିକ ଜୀବନକୁ ଦୀର୍ଘ ନଅ ବର୍ଷ ବିତି ଯାଇଥିଲେ ମଧ୍ୟ ତାଙ୍କର ସ୍ୱାମୀ ଓ ଶ୍ୱଶୁର ଅଧିକା ଯୌତୁକ ଦାବୀ କରି ତାଙ୍କୁ ନାନା ପ୍ରକାର ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଘରୁ ବିତାଡିତ କରିଛନ୍ତି । ବିବାହ ପରଠାରୁ ସବୁବେଳେ ସ୍ୱାମୀ – ତୁ ମତେ ଭଲ ଲାଗୁନୁ, ତୋତେ ରଖିବାକୁ ମୋର ଇଛା ନାହିଁ ଆଦି କଟୁ କଥା କହି ତାଙ୍କୁ ଆଘାତ ଦିଅନ୍ତି । ଏପରିକି ଦୀର୍ଘ ତିନିବର୍ଷ ହେବ ସ୍ୱାମୀ ତାଙ୍କ ସହ ଶାରିରୀକ ସମ୍ପର୍କ ମଧ୍ୟ ରଖି ନାହାନ୍ତି ।

ଅଭିଯୋଗ ପାଇ ମହିଳା ଆୟୋଗ ତୁରନ୍ତ ତାରିଖ ଧାର୍ଯ୍ୟ କରି ଦୁଇ ପକ୍ଷଙ୍କୁ ଡାକି ଶୁଣାଣି ଆରମ୍ଭ କଲେ । ଅପର ପକ୍ଷମାନେ ଅଭିଯୋଗକୁ ମିଛ ବୋଲି କହିବା ସହ ପାଲଟା ଅଭିଯୋଗ କଲେ ଯେ ବୋହୂ ବହୁତ ବଦ୍‌ରାଗୀ, ଘରର ଟିକେ ଟିକେ କଥାରେ ଚିଡିଚିଡା ହୋଇ ଖୁବ୍ ରାଗିଯାଏ । ଏପରିକି ଆତ୍ମହତ୍ୟା କରିବାକୁ ଚେଷ୍ଟା କରେ । ତାଙ୍କର ଏହା ବଂଶଗତ ରୋଗ । ତଥାପି ଭଲ କରିବା ପାଇଁ ଚିକିତ୍ସା କରାଇ ବହୁତ ପଇସା ଖର୍ଚ୍ଚ କରିଛନ୍ତି ।

ପରସ୍ପରର ଆରୋପ ତଥା ପ୍ରତି ଆରୋପରୁ ସ୍ପଷ୍ଟ ହେଲା ଯେ ବୋହୂର ଜିଦ୍ ଓ ଚିଡିଚିଡା ସ୍ୱଭାବ ପାଇଁ ଶ୍ୱଶୁର ଘର ଲୋକେ ତାଙ୍କୁ ଅବହେଳା କରିଛନ୍ତି ।

ଯାହାହେଉ, ସେମାନଙ୍କର ଛୁଆମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପୁନଃ ମିଳାମିଶା ପାଇଁ ବହୁ ଆଲୋଚନା ଏବଂ ବୁଝାସୁଝା କରାଗଲା । ଶେଷରେ ପରିବାର ଲୋକେ ବୋହୂର ଏପରି ରୋଗର ଚିକିତ୍ସା ଜାରି ରଖିବା ସହ ତାଙ୍କୁ ଉତ୍ତମ ବ୍ୟବହାର କରିବେ ବୋଲି ପ୍ରତିଶୃତି ଦେଲେ । ସେହିପରି ଅଭିଯୋଗକାରିଣୀ ବୋହୂ ମଧ୍ୟ ପଛ କଥା ସବୁ ଭୁଲି ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ତୁଲାଇବାକୁ ସମ୍ମତି ପ୍ରଦାନ କଲେ । ଉଭୟ ମିଳିମିଶି ଘରକୁ ଗଲେ ।

•

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର କେସ୍ ନଂ : ୩୧୯/୧୯

ପକ୍ଷ : ମାଆ ଅପରପକ୍ଷ : ପୁଅବୋହୂ

କେସ୍ ପ୍ରକାର : ବୟୋଜ୍ୟେଷ୍ଠା ମହିଳାଙ୍କୁ ଅଭିଯୋଗ

ଦରଖାସ୍ତକାରିଣୀ ମାଆ ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ପରେ ତାଙ୍କର ଦୁଇ ପୁଅ ସମସ୍ତ ସଂପତ୍ତି ଭାଗବାଣ୍ଟି ନେଇଯାଇଥିବା ବେଳେ ଠିକ୍ ଭାବରେ ତାଙ୍କର ସେବା ଯତ୍ନ କରୁ ନାହାନ୍ତି । ଓଲଟି ତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି । ସମସ୍ତ ଘର ଭଡା ଟଙ୍କା ନେଇଯାଉଛନ୍ତି । ସେ କେବଳ ନିଜ ଅବସରକାଳୀନ ଭତ୍ତାରେ ହିଁ ଚଳୁଛନ୍ତି ।

ଅଭିଯୋଗ ପାଇବା ପରେ ତୁରନ୍ତ ତାଙ୍କ ପୁଅଙ୍କୁ ଡକାଗଲା । ବଡ ପୁଅ ବୋହୂ ଉପସ୍ଥିତ ଥିବାବେଳେ, ସାନପୁଅ ମରି ଯାଇଥିବାରୁ ସାନବୋହୂ ଉପସ୍ଥିତ ଥିଲେ । ଆଲୋଚନା ବେଳେ ଜଣାପଡିଲା ଯେ କୌଣସି ନା କୌଣସି କାରଣକୁ ନେଇ ଶାଶୁ ବୋହୂଙ୍କ ମଧ୍ୟରେ ବେଳେ ବେଳେ ଝଗଡା ଲାଗେ । ଘରଭଡା ଟଙ୍କାର ଅଧାରୁ ଅଧିକା ବ୍ୟାଙ୍କ ଋଣ ଶୁଝିବାରେ ଯାଏ । ବାକି ଟଙ୍କା ପୁଅମାନେ ବାଣ୍ଟି ନେଇ ଘର ଚଳାନ୍ତି । ବହୁ ବୁଝାବୁଝି ପରେ ମଧ୍ୟ ମାଆ ଜିଦ୍ ଧରିଲେ କି ଏଣିକି ତାଙ୍କୁ ଏକ ସ୍ୱତନ୍ତ୍ର ଘର ଦିଆଯାଉ, ସେ ସ୍ୱାଧିନ ଭାବରେ ରହିବେ ଓ ଚଳିବେ । କାହାରି ଉପରେ ନିର୍ଭର କରିବେ ନାହିଁ । ଯେହେତୁ ଉକ୍ତ ସମ୍ପତ୍ତି ତାଙ୍କ ସ୍ୱାମୀଙ୍କର ସ୍ୱଅର୍ଜିତ ଥିଲା, ମାଆଙ୍କ କଥା ମାନି ନେବାକୁ ପୁଅ ବୋହୂଙ୍କୁ ବୁଝାଇ ଦିଆଗଲା ।

ଶେଷରେ ତାହା ହିଁ ହେଲା । ଜୟଦେବ ବିହାରଠାରେ ଥିବା ଘରର ଉପର ମହଲାରେ ଗୋଟିଏ ବଖରା ଘର ମାଆ ପାଇଁ ଛାଡି ଦେବାକୁ ପୁଅବୋହୂ ସମ୍ମତି ପ୍ରଦାନ କଲେ । ଉକ୍ତ ଘରୁ ମିଳୁଥିବା ଭଡା ଯାହାକି ଋଣ ସୁଝିବାରେ ଲାଗେ, ଉଭୟ ବହନ କରିବେ ବୋଲି ରାଜି ହେଲେ ।

•

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର | କେସ୍ ନଂ : ୯୧/୨୦

......................................................................................................

ପକ୍ଷ : ବୃଦ୍ଧ ପିତାମାତା | ଅପରପକ୍ଷ : ପୁଅବୋହୂ

......................................................................................................

କେସ୍ ପ୍ରକାର : ବୟୋଜ୍ୟେଷ୍ଠା ମହିଳାଙ୍କୁ ଅଭିଯୋଗ

......................................................................................................

ପିତା-ମାତା ପିଲାମାନଙ୍କୁ ଜନ୍ମ ଦେଇ ଅତି ସ୍ନେହ ଆଦରରେ ବଢାଇଥାନ୍ତି । ଶିକ୍ଷା-ଦୀକ୍ଷା ଦେଇ ସମାଜରେ ଭଲ ମଣିଷଟିଏ କରି ଗଢିତୋଳିବା ପାଇଁ ଅନେକ କଷ୍ଟ ତ୍ୟାଗ ସହିଥାନ୍ତି । ଏମିତି ଏକ ପିତା-ମାତା ମହିଳା କମିଶନଙ୍କୁ ଆସି ଅଭିଯୋଗ କଲେ ନିଜ ଝିଅ-ଜ୍ୱାଇଁଙ୍କ ବିରୁଦ୍ଧରେ । ଚାରି ଝିଅ ଓ ଏକମାତ୍ର ପୁଅ । ପିତାମାତା ଶିକ୍ଷକତା ଜୀବନରୁ ଅବସର ନେଇ ଭୁବନେଶ୍ୱରରେ ଏକ ଘର ତୋଳି ବେଶ୍ ସୁଖରେ ରହୁଥିଲେ । ଚାରି ଝିଅ-ଜ୍ୱାଇଁ ମଧ୍ୟ ବଡ ବଡ ଚାକିରୀ କରି ବେଶ୍ ଭଲରେ ଅଛନ୍ତି । ଏକମାତ୍ର ପୁଅ ମଧ୍ୟ ହାଇଦ୍ରାବାଦରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ । ପିତାମାତା ରିଟାଏଡ୍ କଲା ପରେ ଯାହା ଟଙ୍କା ପାଇଲେ ତାକୁ ଚାରି ଝିଅଙ୍କ ମଧ୍ୟରେ ବାଣ୍ଟି ଦେଲେ । ମାତ୍ର ପୁଅକୁ କହିଲେ ଆମ ପରେ ଏ ଘର ତୋର । କିନ୍ତୁ ଝିଅମାନେ ଟଙ୍କା ନେଲା ପରେ ପୁଣି ଘର ନେବା ପାଇଁ ଆରମ୍ଭ କଲେ ପ୍ରତିଯୋଗିତା । କିଏ ବୃଦ୍ଧ ପିତାମାତାଙ୍କ ପାଖରେ ରହିବ । ତାଙ୍କୁ ସଲାସୁତୁରା କରି ଘରଟିକୁ ହାତେଇବ । ଇତି ମଧ୍ୟରେ ଗୋଟିଏ ଝିଅ ସ୍କୁଲ୍ ଟିଚର ଭାବରେ ଭୁବନେଶ୍ୱରରେ ରହୁଥିଲେ । ତେଣୁ ସେ ଚାହିଁଲେ ବାପା-ମାଆଙ୍କ ପାଖରେ ରହିବା ପାଇଁ । ବାପାଙ୍କ ଘର ପାଖରେ ଗୋଟିଏ ସରକାରୀ ଜାଗା ଥିଲା । ସେଥିରେ ଆଜବେଷ୍ଟସ୍ ଘର କରି ଝିଅ-ଜ୍ୱାଇଁ ଓ ନାତି ନାତୁଣୀ ରହିଲେ । ତା'ପରେ ଆରମ୍ଭ ହେଲା ସେମାନଙ୍କର କାରସାଦି । ସେମାନେ ଏମିତି ଘର ତିଆରି କଲେ ଯେ ପିତାଙ୍କ ଝରକା ଖୋଲିବା ପାଇଁ ଆଉ ଜାଗା ନଥିଲା । ବୋରିଙ୍ଗ୍ ସୁଇଜ୍ ମାରିବା ପାଇଁ ଯିବା ରାସ୍ତା ବି ବନ୍ଦ କରିଦେଲେ । ଏମିତି ନାନା ପ୍ରକାର ହଇରାଣ ହରକତ କଲେ ଝିଅ-ଜ୍ୱାଇଁ । ବୃଦ୍ଧ ପିତାମାତାଙ୍କୁ ଗାଳିଗୁଲଜ କଲେ ଯାହାକି ଅସମ୍ଭାଳ ହେଲା ।

କମିଶନଙ୍କୁ ଡକାଗଲା ଉଭୟ ପକ୍ଷଙ୍କୁ । ପ୍ରଥମେ ମାଆ-ଝିଅ, ଶ୍ୱଶୁର, ଜ୍ୱାଇଁଙ୍କ ମଧ୍ୟରେ ଘୋର ଝଗଡା ଆରମ୍ଭ ହେଲା । ମାତ୍ର କମିଶନଙ୍କ ତାଗିଦା ଓ ବୁଝାସୁଝା ପରେ ଝିଅ-ଜ୍ୱାଇଁ ତାଙ୍କର ଭୁଲ ବୁଝି ପାରିଲେ ଓ ବୃଦ୍ଧ ପିତାମାତାଙ୍କୁ ଭୁଲ ମାଗିଲେ । ତା'ପରେ ମାଆ-ଝିଅଙ୍କ ମିଳନ ହେଲା ଏକ ଆବେଗଭରା ମୁହୂର୍ତ୍ତରେ ଯାହା ଫଳରେ ପରସ୍ପରକୁ କୁଣ୍ଢାଇ କାନ୍ଦିଥିଲେ ଏବଂ ଶେଷରେ ମିଳିମିଶି ଘରକୁ ଫେରିଲେ । ବର୍ତ୍ତମାନ ସେମାନେ ବେଶ୍ ଖୁସିରେ ଚଳୁଛନ୍ତି ।

ମହିଳା ଆୟୋଗର ହସ୍ତକ୍ଷେପ ଫଳରେ ସମ୍ପର୍କ ଫେରି ଥିବାରୁ ଉଭୟେ ମହିଳା ଆୟୋଗ ନିକଟରେ କୃତଜ୍ଞତା ପ୍ରକାଶ କଲେ ।






ଓଡ଼ିଶା ରାଜ୍ୟ ମହିଳା ଆୟୋଗ



କର୍ତ୍ତବ୍ୟ ପଥରେ...





ସ୍ମୃତିର ଝଲକ୍...





ଓଡ଼ିଶା ରାଜ୍ୟ ମହିଳା ଆୟୋଗ



କର୍ତ୍ତବ୍ୟ ପଥରେ...



ସ୍ମୃତିର ଝଲକ୍...

ଜିଲ୍ଲା : ଢେଙ୍କାନାଳ

କେସ୍ ନଂ : ୫୬/୧୯

..........................................................................................

ପକ୍ଷ : ପ୍ରଭାବତୀ ଦେବୀ (ଶାଶୁ)

ଅପରପକ୍ଷ : ବୋହୂ

..........................................................................................

କେସ୍ ପ୍ରକାର : ଚରିତ୍ର ସନ୍ଦେହ ଜନିତ ନିର୍ଯ୍ୟାତନାର ପ୍ରତିଛବି

..........................................................................................

ଶାଶୁ ପ୍ରଭାବତୀ ଦେବୀ (ଛଦ୍ମ ନାମ) ଅଭିଯୋଗ କଲେ ଯେ ତାଙ୍କ ବୋହୂ ବିବାହର ଦୁଇବର୍ଷ ପରେ ମଧ୍ୟ ପରପୁରୁଷ ସହ ସମ୍ପର୍କ ରଖି ତାଙ୍କୁ ଓ ତାଙ୍କ ପରିବାର ଲୋକଙ୍କୁ ବହୁ ମାନସିକ ଏବଂ ଶାରୀରିକ ନିର୍ଯ୍ୟାତନା ଦେଇଛନ୍ତି । ଶୁଣାଣି ତାରିଖ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଡାକି ଆଲୋଚନା ବେଳେ ଅପରପକ୍ଷ ବୋହୂ, ଶାଶୁ କରିଥିବା ଅଭିଯୋଗକୁ ମିଛ ବୋଲି କହି ଖଣ୍ଡନ କରିବା ସହ ପାଲଟା ଅଭିଯୋଗ କଲେ କି ସ୍ୱାମୀ ଓ ଶାଶୁ ଘରର ଟିକେ ଟିକେ କଥାରେ ତାଙ୍କୁ ପ୍ରବଳ ମାଡ ମାରୁଛନ୍ତି । ତାଙ୍କର ଦ୍ୱିତୀୟ ସନ୍ତାନଟିକୁ ସ୍ୱାମୀ ତାଙ୍କର ବୋଲି ମାନୁ ନାହାନ୍ତି । ଗଣ୍ଡଗୋଳ ଏପରି ସ୍ଥିତିକୁ ଗଲା ଯେ ସେ କେଶ୍ କରିବାରେ ସ୍ୱାମୀ ଜାମିନୀରେ ଆସିଛନ୍ତି ।

ଉଭୟ ପକ୍ଷଙ୍କ ଠାରୁ ଶୁଣିବା ପରେ ଜଣାପଡିଲା ଯେ ସେମାନଙ୍କର ମନୋମାଳିନ୍ୟର ପ୍ରଧାନ କାରଣ ହେଲା ସନ୍ଦେହ । କୌଣସି ଦୃଢ ପ୍ରମାଣ ନଥାଇ ଜଣେ ମହିଳାଙ୍କର ଚରିତ୍ର ସଂହାର କରିବା ଅପରାଧ ବୋଲି ଆଲୋଚନା ମାଧ୍ୟମରେ ସେମାନଙ୍କୁ ବୁଝାଇ ଦିଆଗଲା । ଶେଷରେ ସ୍ୱାମୀ-ସ୍ତ୍ରୀ ପୂର୍ବ କଥା ସବୁ ଭୁଲି ପୁଣି ଏକାଠି ସଂସାର କରିବାକୁ ସ୍ଥିର କଲେ । ସ୍ତ୍ରୀ ଆଉ ଉକ୍ତ ଅଭିଯୁକ୍ତ ପୁରୁଷ ସହ କଥାବାର୍ତ୍ତା କରିବେ ନାହିଁ କି ସ୍ୱାମୀ ଆଉ ସ୍ତ୍ରୀଙ୍କୁ ସନ୍ଦେହ କରିବେ ନାହିଁ ବୋଲି ଦୃଢ ପ୍ରତିଶ୍ରୁତି ଦେଲେ । ପରସ୍ପର ପରସ୍ପରକୁ ବୁଝିବା ପରେ ଆୟୋଗ କାର୍ଯ୍ୟାଳୟରୁ ହିଁ ମିଳିମିଶି ଏକାଠି ଘରକୁ ଗଲେ ।

•

(ଯେଉଁ ପରିବାରରେ ନାରୀ ସମ୍ମାନନୀୟା, ସେ ପରିବାର ସ୍ୱର୍ଗସମ ।)

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର

କେସ୍ ନଂ : ୧୫୮/୧୯

ପକ୍ଷ : ଭାରତୀ ମିଶ୍ର

ଅପରପକ୍ଷ : ଉପରିସ୍ଥ ଅଧିକାରୀ

କେସ୍ ପ୍ରକାର : ଉପରିସ୍ଥ ଅଧିକାରୀଙ୍କ ଦୁର୍ବ୍ୟବହାର ଜନିତ ଅଭିଯୋଗ

ଭାରତୀ ମିଶ୍ର (ଛଦ୍ମ ନାମ) ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ତାଙ୍କର ବିଦେଶଯାତ୍ରାକୁ ଅନୁମତି ନଦେବା, ତାଙ୍କୁ ଖରାପ ଭାଷା କହି ଦୁର୍ବ୍ୟବ୍ୟହାର କରିବା ତଥା ତାଙ୍କୁ ବିଭିନ୍ନ ଭାବରେ ହଇରାଣ କରୁଥିବା ନେଇ ତାଙ୍କ ଉପରିସ୍ଥ ଅଧିକାରୀ ଡେପୁଟି କମିଶନରଙ୍କ ବିରୁଦ୍ଧରେ ଅଭିଯୋଗ କଲେ ।

ଦରଖାସ୍ତ ପାଇବା ପରେ ରାଜ୍ୟ ମହିଳା ଆୟୋଗ ପ୍ରାଥମିକ ତଦନ୍ତ ପାଇଁ ତୁରନ୍ତ ତାରିଖ ଧାର୍ଯ୍ୟ କରି ଉଭୟ ପକ୍ଷଙ୍କୁ ଡକାଇ ଶୁଣାଣି ଆରମ୍ଭ କଲେ । ଶୁଣାଣିର ପ୍ରଥମ ଦିନରେ ହିଁ ଅପରପକ୍ଷ ତାଙ୍କ ପକ୍ଷ ରଖିଲେ ଯେ ଦରଖାସ୍ତକାରିଣୀଙ୍କୁ କେବେ ବି ଦୁର୍ବ୍ୟବହାର କରି ନାହାନ୍ତି । ସେ ଦରଖାସ୍ତକାରିଣୀଙ୍କୁ ଜଣେ ମହିଳା ଭାବରେ ସମ୍ମାନ କରନ୍ତି । ବିଦେଶ ଯାତ୍ରା ଉପରେ ଯାହା କିଛି କରିଛନ୍ତି ଆଇନ ଅନୁଯାୟୀ କରିଛନ୍ତି । ତଥାପି ଯଦି ତାଙ୍କର କୌଣସି କଥାବାର୍ତ୍ତା ଦରଖାସ୍ତକାରିଣୀଙ୍କୁ ଖରାପ ଲାଗିଛି, ସେଥିପାଇଁ ସେ ଦୁଃଖିତ । ଜଣେ ଉପରିସ୍ଥ ଅଧିକାରୀ ଏଥିପାଇଁ ଦୁଃଖ ପ୍ରକାଶ କରିବାରୁ, ମାମଲାଟିକୁ ଆଉ ଆଗକୁ ନ ବଢାଇବାକୁ ଦରଖାସ୍ତକାରିଣୀ ଅନୁରୋଧ କଲେ ଓ ମହିଳା ଆୟୋଗଙ୍କ ହସ୍ତକ୍ଷେପ ଫଳରେ ତାଙ୍କର ସମ୍ମାନ ରହିଲା ବୋଲି କୃତଜ୍ଞତା ଜ୍ଞାପନ କଲେ ।

•

(ଜୀବନର ସବୁ ଆବେଗ ରହିଛି ଧୈର୍ଯ୍ୟ ଓ ସହନଶୀଳତାରେ ।



ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର 　　　　　　　　କେସ୍ ନଂ : ୩୧୩/୧୯

ପକ୍ଷ : ସରଧାମଣୀ ପ୍ରଧାନ 　　　　　　　　ଅପରପକ୍ଷ : ସ୍ୱାମୀ / ଶାଶୁ / ଶ୍ୱଶୁର

କେସ୍ ପ୍ରକାର : ପାରିବାରିକ ହିଂସା ଓ ଯୌତୁକ ଜନିତ ଅଭିଯୋଗ

ବିବାହର କିଛିଦିନ ପରେ ଶାଶୁଘରର ଲୋକମାନେ ଅଧିକ ଯୌତୁକ ପାଇଁ ତାଙ୍କୁ ନାନା ପ୍ରକାର ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିଲେ ବୋଲି ସରଧାମଣୀ ପ୍ରଧାନ (ଛଦ୍ମ ନାମ) ମହିଳା ଆୟୋଗରେ ଅଭିଯୋଗ କଲେ ।

ଅଭିଯୋଗକୁ ଆୟୋଗ ଗୁରୁତର ସହ ନେଇ ଶୁଣାଣି ତାରିଖ ଧାର୍ଯ୍ୟ କରି ଅଭିଯୋଗକାରିଣୀଙ୍କ ସହ ତାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଡକାଇ ଆଲୋଚନା କଲେ । ଅପରପକ୍ଷ ସ୍ୱାମୀ ଓ ଶାଶୁ ମଧ୍ୟ ବୋହୂ ସେମାନଙ୍କୁ ମାନୁନାହିଁ, ବାରବାର ବାପ ଘରକୁ ଚାଲିଯାଉଛି, କାମଦାମ ଠିକ୍ ଭାବରେ କରୁନାହିଁ ବୋଲି ପାଲଟା ଅଭିଯୋଗ କଲେ ।

ଯାହାହେଉ, ଶେଷରେ ବହୁ ଆଲୋଚନା ତଥା ବୁଝାସୁଝା ପରେ ସମସ୍ତେ ନିଜ ନିଜର ଭୁଲ୍ ବୁଝିପାରିଲେ ଏବଂ ପୂର୍ବ କଥା ସବୁ ଭୁଲି ପୁନର୍ବାର ମିଳିମିଶି ଚଳିବା ପାଇଁ ଏକମତ ହେଲେ । ବୋହୂକୁ ନିଜ ଝିଅ ଭଳି ଦେଖିବାକୁ ଶାଶୁଙ୍କୁ କୁହାଗଲା । ଗୁରୁଜନମାନଙ୍କୁ ସମ୍ମାନ ପୂର୍ବକ ଘରର କାମ ଠିକ୍‌ଠାକ୍ କରିବାକୁ ବୋହୂକୁ ମଧ୍ୟ ବୁଝାଇ ଦିଆଗଲା । ମିଳାମିଶା ହୋଇ ଯାଇଥିବାରୁ ସମସ୍ତଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା ।

(ସମୟ ବହୁତ ବଳବାନ୍ । ଆମେ ଯଦି ନିଜକୁ ବୁଝିବା ତେବେ ସବୁ ଠିକ୍ । କାରଣ ଆମର କର୍ମଫଳ କାଲି ଭୋଗ କରିବାକୁ ପଡ଼ିବ - ଏହା ସତ୍ୟ ।)

କେସ୍ ନଂ : ୧୯୩/୧୮

ଜିଲ୍ଲା : କଟକ

ପକ୍ଷ : ନିବେଦିତା ରଥ

ଅପରପକ୍ଷ : ଶାଶୁ / ଶ୍ୱଶୁର / ସ୍ୱାମୀ

କେସ୍ ପ୍ରକାର : ସନ୍ଦେହରୁ ଘରୋଇ ହିଂସା

ନିବେଦିତା ରଥ (ଛଦ୍ମ ନାମ)ଙ୍କର ଅଭିଯୋଗ ଥିଲା ଯେ ସ୍ୱାମୀ ତାଙ୍କ ଭାଉଜଙ୍କ ସହ ସମ୍ପର୍କ ରଖି ତାଙ୍କ କଥାରେ ପରିଚାଳିତ ହୋଇ ତାଙ୍କୁ ଅଣଦେଖା କରୁଛନ୍ତି । ଅଭିଯୋଗର ସତ୍ୟାସତ୍ୟ ଜାଣିବା ଏବଂ ତାର ସମାଧାନ କରିବା ପାଇଁ ତାରିଖ ଧାର୍ଯ୍ୟ କରି ପକ୍ଷମାନଙ୍କୁ ଡକାଇ ଆଲୋଚନା କରାଗଲା । ବାରମ୍ବାର ତାରିଖ କରି ଶୁଣାଣି କଲେ ମଧ୍ୟ ସମାଧାନର ବାଟ ନଫିଟିବାରୁ ଶେଷରେ ଆୟୋଗ ତରଫରୁ ଏକ ସରଜମିନ୍ ତଦନ୍ତ କରାଯାଇଥିଲା । ତଦନ୍ତ ସମୟରେ ଜଣାପଡିଲା ଯେ ସ୍ୱାମୀ ସ୍ତ୍ରୀ, ଭାଇ ଭାଉଜ ସମସ୍ତେ ଏକାନ୍ନବର୍ତ୍ତୀ ପରିବାର ହୋଇଥିବାରୁ ବଡ ହିସାବରେ ଭାଉଜ ଯେଉଁ ନିଷ୍ପତ୍ତି ନେଉଥିଲେ ତାହା ଅପରପକ୍ଷ ମାନି ନେଉଥିବାରୁ, ଦରଖାସ୍ତକାରିଣୀ ସ୍ତ୍ରୀ ଅସହିଷ୍ଣୁ ହେବା ସହ ଦିଅର ଭାଉଜଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ, ଯାହା ଫଳରେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିଲା ।

ତେବେ ପରିବାର ସମସ୍ତଙ୍କୁ ଏକାଠି ବସାଇ ଆଲୋଚନା ତଥା ବୁଝାସୁଝା କରାଗଲା । ଦୁଇ ପରିବାରରେ ଶାନ୍ତି ଫେରି ଆସିବା ଉଚିତ ବୋଲି ଅନୁଭବ କରି ସେଥିପାଇଁ ଦରଖାସ୍ତକାରିଣୀ ଓ ଅପରପକ୍ଷ ସ୍ୱାମୀ ସ୍ତ୍ରୀ ଅଲଗା ରୁହନ୍ତୁ ବୋଲି ସମସ୍ତେ ଏକମତ ହେଲେ । କିନ୍ତୁ ଅଲଗା ରହିଲେ ବି ଭାଇ ଭାଇ ମଧ୍ୟରେ ସ୍ନେହ ଭାବ ଅତୁଟ ରଖିବାକୁ ପରାମର୍ଶ ଦିଆଗଲା ।

•

(ଜୀବନରେ ଅର୍ଥର ଆବଶ୍ୟକତା ଥାଏ ।
କିନ୍ତୁ ଅର୍ଥ କେବେ ଜୀବନର ଶାନ୍ତି ପାଇଁ ମାପକାଠି ହୋଇନପାରେ ।)



ଜିଲ୍ଲା : ପୁରୀ    କେସ୍ ନଂ : ୦୫/୧୭

ପକ୍ଷ : ମଧୁମିତା ପରିଡ଼ା    ଅପରପକ୍ଷ : ସ୍ୱାମୀ

କେସ୍ ପ୍ରକାର : ମଦ୍ୟପାନ ଜନିତ ଘରୋଇ ହିଂସା

ମଧୁମିତା ପରିଡ଼ା (ଛଦ୍ମ ନାମ) ଅଭିଯୋଗ କଲେ ତାଙ୍କ ସ୍ୱାମୀ ପ୍ରତ୍ୟେହ ମଦ୍ୟପାନ କରି ତାଙ୍କୁ ମାଡପିଟ୍ କରିବା ସହ ତାଙ୍କ ନାବାଳିକା କନ୍ୟାକୁ ଅଣଦେଖା କରୁଛନ୍ତି । ତେଣୁ ସେ ଆଉ କେବେବି ସ୍ୱାମୀ ପାଖକୁ ଫେରିବେ ନାହିଁ ବୋଲି ଜିଦ୍ ଧରିଲେ । ସେ ସ୍ୱମୀଙ୍କଠାରୁ କେବଳ ଭରଣପୋଷଣ ଦାବି କଲେ । ମାତ୍ର ଆୟୋଗ ସେମାନଙ୍କର ନାବାଳିକା କନ୍ୟାର ଭବିଷ୍ୟତର ସୁରକ୍ଷା କଥା ଚିନ୍ତା କରି ସେମାନଙ୍କୁ ପୁନଃ ମିଳାମିଶା କରାଇ ସେମାନଙ୍କର ପରିବାରରେ ହସଖୁସି ଫେରାଇ ଆଣିବାକୁ ଚେଷ୍ଟା କଲେ ।

ବିଭିନ୍ନ ତାରିଖ କରି ଉଭୟ ପକ୍ଷଙ୍କୁ ଡକାଇ ବହୁ ବୁଝାସୁଝା କରାଗଲା । ସ୍ୱାମୀ ସ୍ତ୍ରୀ ଝଗଡାରେ ସେମାନଙ୍କର ଛୁଆ ଉପରେ କୁପ୍ରଭାବ ପଡିବ ବୋଲି ବୁଝାଇଦିଆଗଲା । ଶେଷରେ ମଦ ଖାଇବାର ଭୟାବହ ପରିଣାମ ବୁଝି ଆଉ କେବେବି ମଦ ଖାଇବି ନାହିଁ ବୋଲି ଅପରପକ୍ଷ ଲିଖିତ ପ୍ରତିଶ୍ରୁତି ଦେଲେ । ତେଣୁ ଦରଖାସ୍ତକାରିଣୀ ସ୍ତ୍ରୀ ପୁନଃ ମିଳାମିଶା ପାଇଁ ରାଜି ହେଲେ । ଆୟୋଗର ହସ୍ତକ୍ଷେପ ଫଳରେ ଏବେ ତାଙ୍କ ପରିବାର ହସଖୁସିରେ ଚଳୁଛନ୍ତି ।

•

(ମାଆ ହିଁ ଗୋଟିଏ ପରିବାର ପାଇଁ ଆଶୀର୍ବାଦର ଗନ୍ତାଘର ।
ମାଆର ସ୍ନେହ-ଶ୍ରଦ୍ଧା ସବୁବେଳେ ବିରଳ ।)



ଜିଲ୍ଲା : କେନ୍ଦ୍ରାପଡ଼ା

କେସ୍ ନଂ : ୧୧୪/୧୯

ପକ୍ଷ : ନୁର୍ ଜାହାଁ

ଅପରପକ୍ଷ : ସ୍ୱାମୀ / ଶ୍ୱଶୁର

କେସ୍ ପ୍ରକାର : ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା ସଂକ୍ରାନ୍ତୀୟ

ନୁର୍ ଜାହାଁଙ୍କ (ଛଦ୍ମ ନାମ) ଅଭିଯୋଗ ପ୍ରକାରେ ବିବାହ ପରେ ସ୍ୱାମୀ, ଶ୍ୱଶୁର (ଜଣେ ପ୍ରଭାବଶଳୀ ବ୍ୟକ୍ତି ) ଓ ଘରର ଅନ୍ୟମାନେ ଅଧିକ ଯୌତୁକ ପାଇଁ ତାଙ୍କୁ ନାନା ପ୍ରକାର ନିର୍ଯ୍ୟାତନା ଦେଉଥିଲେ । ଘରର ବାସି ଖାଦ୍ୟ ଖାଇବାକୁ ଦିଆଯାଉଥିଲା । ମାଡ଼ ମରାଯାଉଥିଲା । ମୋବାଇଲ୍ ଦିଆଯାଉ ନଥିଲା । ଏପରିକି ଶ୍ୱଶୁର ତାଙ୍କୁ ଖରାପ ନଜରରେ ଦେଖୁଥିବା ସେ ଅଭିଯୋଗ କଲେ । ତାଙ୍କର ସ୍ୱତନ୍ତ୍ର ଶୋଇବା ଘର ମଧ୍ୟ ନଥିବା କହିଥିଲେ ।

ଦୁଇଥର ତାରିଖ ପରେ ଅପରପକ୍ଷ ବାପ ଓ ପୁଅ ଆୟୋଗରେ ହାଜର ହୋଇ ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହି ଖଣ୍ଡନ କଲେ । ବୋହୂ ପରିବାରର ସମସ୍ତଙ୍କ ନାମରେ ମିଥ୍ୟା କେସ୍ କରି ସେମାନଙ୍କର ସମ୍ମାନ କ୍ଷୁର୍ଣ୍ଣ କରିଛନ୍ତି ବୋଲି ପାଲଟା ଅଭିଯୋଗ କଲେ । ଅଧିକ ଆଲୋଚନା ବେଳେ ନିଜେ ସ୍ୱାମୀ, ସ୍ତ୍ରୀଙ୍କୁ ନେଇ ଅନ୍ୟତ୍ର ରଖି ଭଲରେ ଚଳାଇବା ପାଇଁ ରାଜି ଥିବାବେଳେ ଶ୍ୱଶୁର ଏହାକୁ ବିରୋଧ କରିବାରୁ ପୁଅ ବୋହୂର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ନକରିବାକୁ ତାଙ୍କୁ ତାଗିଦ୍ କରାଗଲା । ଏପରିକି ପୁଅ ବୋହୂ ପାଇଁ ସ୍ୱତନ୍ତ୍ର ଶୋଇବା ଘର ଯୋଗାଇଦେବାକୁ ମଧ୍ୟ ପରାମର୍ଶ ଦିଆଗଲା । ସ୍ୱାମୀ ସ୍ତ୍ରୀ ଭଲରେ ଚଳିବା ପରେ କରିଥିବା ସମସ୍ତ କେସ୍ ଉଠାଇ ନେବେ ବୋଲି ସ୍ତ୍ରୀ ପ୍ରତିଶ୍ରୁତି ଦେଲେ ।

•

(ସ୍ନେହ-ଶ୍ରଦ୍ଧା-ଭଲପାଇବା ଓ ବୁଝାମଣା ଆମ ସଂସ୍କୃତିର ମୂଳଆଧାର ।
ଏହାକୁ ଆମେ ସମ୍ମାନ ଦେବା ଉଚିତ ।)

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର                    କେସ୍ ନଂ : ୦୫/୧୮

ପକ୍ଷ : ସ୍ତ୍ରୀ                    ଅପରପକ୍ଷ : ସ୍ୱାମୀ

କେସ୍ ପ୍ରକାର : ସ୍ତ୍ରୀ ପ୍ରତି ସ୍ୱାମୀର ଅସହିଷ୍ଣୁତାରୁ ନିର୍ଯ୍ୟାତନା

ସ୍ୱାମୀ ସ୍ତ୍ରୀ ଦୁଇଜଣ ବାଙ୍ଗାଲୋରରେ ସଫ୍ଟୱେୟାର ଇଂଜିନିୟର । ବିବାହ ସାତବର୍ଷ ଅତିକ୍ରମ କରି ସାରିଲେଣି । ସାତବର୍ଷ ପରେ ସ୍ତ୍ରୀ ଅଭିଯୋଗ କଲେ ସ୍ୱାମୀ ଯେତିକି ଦରମା ପାଆନ୍ତି ସେ ସ୍ୱାମୀଙ୍କଠାରୁ ଚାରିଗୁଣ ଅଧିକା ଦରମା ପାଆନ୍ତି । ମାତ୍ର ସ୍ୱାମୀ, ସ୍ତ୍ରୀଙ୍କ ଦରମା ସବୁ ନେଇ ଯାଆନ୍ତି । ଏପରିକି ସ୍ତ୍ରୀ ନିଜ ଇଚ୍ଛାରେ ପୋଷାକ ହଲେ କିଣିଲେ ସ୍ୱାମୀ ଝଗଡା କରନ୍ତି । ସ୍ୱାମୀଙ୍କ କମ୍ ରୋଜଗାର ହେତୁ ନଣନ୍ଦ ବାହାଘର, ଶାଶୁଘର ଗାଁରେ ଘର ତିଆରି, ଦିଅରର ବ୍ୟବସାୟ ପାଇଁ ସ୍ତ୍ରୀ ପ୍ରାୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ କରି ସ୍ୱାମୀଙ୍କୁ ଦେଇଛନ୍ତି । ତଥାପି ସ୍ୱାମୀ ଏଥିରେ ସନ୍ତୁଷ୍ଟ ନହୋଇ ପୁଣି ଦାବି କରନ୍ତି ଯେ ତାଙ୍କୁ ଆଉ ଏକ କୋଟି ଟଙ୍କା ଦରକାର । ସେ ଚାକିରି ଛାଡ଼ି ରାୟଗଡାରେ କଣ୍ଟ୍ରାଟିଙ୍ଗ୍ କରିବେ । ସ୍ତ୍ରୀ ଆଉ ଋଣ କରିବାକୁ ରାଜି ନ ହେବାରୁ ସ୍ୱାମୀ ଦୈନିକ ମଦପିଇ ଆସି ମାରପିଟ୍ କରନ୍ତି । ଶେଷରେ ସ୍ତ୍ରୀ ଅତିଷ୍ଠ ହୋଇ କମିଶନରେ ଅଭିଯୋଗ କଲେ ।

ଉଭୟ ପକ୍ଷଙ୍କୁ ଡକାଯାଇ ସମାଧାନ କରିବା ପାଇଁ ଚେଷ୍ଟା କରାଗଲା । ମାତ୍ର ସ୍ତ୍ରୀ ଏଥିରେ ଅମଙ୍ଗ ହେଲେ । ସେ ଅଭିଯୋଗ କଲେ ଯେ, ସ୍ୱାମୀ ତାଙ୍କ develop ସହି ପାରୁ ନାହାନ୍ତି । ସେ ଏବେ USA ରେ ଭଲ ଚାକିରି ପାଇଛନ୍ତି । ତେଣୁ ସେ ଏଠି ଛାଡପତ୍ର ନେଇ USA ଯାଇ ଚାକିରିରେ ଯୋଗଦେବେ । ଝିଅର ପିତା ଜ୍ୱାଇଁଙ୍କୁ ଯୌତୁକ ବାବଦରେ ୫୦ ଲକ୍ଷ ଟଙ୍କା ଚେକ୍‌ରେ ଦେଇଥିଲେ ଏବଂ ଝିଅର ମା ଝିଅ ବିବାହବେଳେ ଝିଅ-ଜ୍ୱାଇଁଙ୍କୁ ୫୦୦ ଗ୍ରାମର ସୁନା ଅଳଙ୍କାର ଦେଇଥିଲେ । ଏସବୁ ଫେରାନ୍ତୁ ବୋଲି ଝିଅର ବାପା ମାଆ ଜିଦ୍ ଧରିଲେ । ମାତ୍ର ଜ୍ୱାଇଁ କହିଲେ ଯେ ସେସବୁ ମୋ ପାଖରେ କିଛି ନାହିଁ । ତେଣୁ ମୁଁ ଦେଇପାରିବି ନାହିଁ କି ଛାଡପତ୍ର ଦେବି ନାହିଁ । ମାତ୍ର ଝିଅ ବହୁ ଅନୁନୟ ବିନୟ ହୋଇ କହିଲେ ଯେ ମୋର ଜିନିଷ, ଟଙ୍କା ବା ସୁନା କିଛି ଦରକାର ନାହିଁ, କେବଳ ଛାଡପତ୍ର ଦିଅ, ମୁଁ ଶାନ୍ତିରେ ବଂଚିବାକୁ ଚାହେଁ । ଶେଷରେ ବିନା ଭରଣପୋଷଣରେ ଛାଡପତ୍ର ଦେବାପାଇଁ ପୁଅ ରାଜି ହେଲେ । ଉଭୟ କମିଶନରେ ସମାଧାନ ହେଲାପରେ ୧୩ (ବି) ରେ ଛାଡପତ୍ର ଦିଆଗଲା । ଏବେ ଝିଅ ଟଫେଇ ରେ ଭଲ ଚାକିରି କରିଛନ୍ତି ।

•

ଜିଲ୍ଲା : ଜଗତ୍‌ସିଂହପୁର                    କେସ୍ ନଂ : ୩୨/୧୮

ପକ୍ଷ : ପ୍ରତିମା (ବୋହୂ)                    ଅପରପକ୍ଷ : ଶ୍ୱଶୁର

କେସ୍ ପ୍ରକାର : କରୋନା ସମୟରେ ଯୌନ ନିର୍ଯ୍ୟାତନା ଜନିତ ଘଟଣା

ଜଗତସିଂହପୁର ଜିଲ୍ଲାର ବୋହୂ ପ୍ରତିମା ଏକମାତ୍ର ପୁଅ ଓ ଶ୍ୱଶୁରଙ୍କ ସହିତ ଘରେ ରୁହନ୍ତି । ସ୍ୱାମୀ ବମ୍ବେରେ ଚାକିରି କରନ୍ତି । ଲକ୍‌ଡାଉନ୍ ସମୟରେ କମିଶନକୁ whatsapp call ମାଧ୍ୟମରେ ବୋହୂ ଅଭିଯୋଗ ଦେଲେ ଯେ ଲକ୍‌ଡାଉନ୍‌ର ସୁଯୋଗ ନେଇ ତାର ଶ୍ୱଶୁର ତା ସହିତ ଯୌନ ସଂପର୍କ ରଖିବାକୁ ବାଧ କରୁଛନ୍ତି । ଏଥିରେ ରାଜି ନହେବାରୁ ଶ୍ୱଶୁର ତାର ଘରେ electric connection କାଟିଦେଲେ । ଲକ୍‌ଡାଉନ୍‌ରେ ପଡୋଶୀ ଘରକୁ ଯିବା ଆସିବା ନଥିବାରୁ ଶ୍ୱଶୁର ଏହାର ସୁଯୋଗ ନେଇ ନାନା ପ୍ରକାର ହଇରାଣ କରୁଥିଲେ । କମିଶନ୍ ଏହା ଶୁଣିବା ପରେ ରକ୍ଷରମଷ୍ପକ୍ସସମ ବିଭାଗକୁ କହି ବୋହୂ ଘରକୁ electric connection ଦିଆଗଲା ଏବଂ ଶ୍ୱଶୁର ବୋହୂଙ୍କ ଘର ଅଲଗା କରାଗଲା ।

(ନିର୍ଯ୍ୟାତନା ସମସ୍ୟାର ସମାଧାନ ନୁହେଁ ।
ସ୍ନେହ, ଭଲପାଇବା, ଶ୍ରଦ୍ଧା ହିଁ ଜୀବନକୁ ପରିବାରକୁ ମଧୁର କରେ ।)



ଜିଲ୍ଲା : କଟକ                                                    କେସ୍ ନଂ : ୩୭/୧୯

ପକ୍ଷ : ବୋହୂ                                     ଅପରପକ୍ଷ : ଶାଶୁ / ଶ୍ୱଶୁର / ସ୍ୱାମୀ

କେସ୍ ପ୍ରକାର : ଡାହାଣୀ ଜନିତ ସନ୍ଦେହ କରି ନିର୍ଯ୍ୟାତନା

କଟକ ଜିଲ୍ଲାର ମୁସଲିମ୍ ଘର ଝିଅ ତତ୍‌ସିଲମା ରାଉରକେଲାର ସକିଲ୍ ସହ ବିବାହ କରିଥିଲେ । ପୁଅ ଜାମସେଦପୁରରେ ଚାକିରି କରେ । ବିବାହର ୩/୪ ମାସ ଶାଶୁଘରେ ଭଲରେ ଥିଲେ । ମାତ୍ର ଝିଅ ଅନ୍ତଃସତ୍ୱା ହେବା ପରେ ପୁଅ ଝିଅକୁ ମାରଧର କଲା । ଶାଶୁ ହଇରାଣ ହରକତ କଲେ । ଏତେ ଶୀଘ୍ର ପିଲା ଦରକାର ନାହିଁ ବୋଲି କହି ଝିଅକୁ ପିଲା ନଷ୍ଟ କରିବାକୁ ବାଧ କଲେ । ମାତ୍ର ଝିଅ ଏଥିରେ ରାଜି ହେଲେ ନାହିଁ । ତା'ପରେ ଝିଅକୁ ଡାହାଣୀ ଲାଗିଛି ବୋଲି କହି ମୌଲାନା ଆଣି ଘରେ ଝିଅକୁ ଉକ୍ତ ମୌଲାନା ସହିତ କବାଟ ବନ୍ଦ କରି ଗୋଟିଏ ଘରେ ଛାଡିଲେ । ମୌଲାନା ଜବରଦସ୍ତ କ'ଣ ଗୁଣିଗାରେଡି କରି ଧୂଆଁ ଦେଇ ତାଙ୍କୁ ଅସଦାଚରଣ କରି ପିଲା ନଷ୍ଟ କରିଛନ୍ତି ବୋଲି ଝିଅ ଅଭିଯୋଗ କଲେ । ଅପରପକ୍ଷଙ୍କୁ ଡକାଗଲା ।

ସେ ନଆସିବାରୁ ଗାଁ ଲୋକଙ୍କ ମାଧ୍ୟମରେ ଝିଅକୁ ତାର ଶାଶୁ ଘରେ ରଖାଗଲା । ଏବେ ସେ ଗାଁଲୋକଙ୍କ ହେପାଜତରେ ଶାନ୍ତିରେ ରହୁଛି ।

(ସନ୍ଦେହ ଭୁଲ୍ ବୁଝାମଣାକୁ ବାଟ ଦେଖାଏ ।
ମାନବିକତାର ହୃଦୟ ନେଇ ଘଟଣାକୁ ବିଚାର କଲେ ପାରିବାରିକ ଜୀବନ ସୁନ୍ଦର ହୁଏ ।)



କେସ୍ ନଂ : ୦୭/୧୯

ଜିଲ୍ଲା : ଜଗତ୍‌ସିଂହପୁର

.........................................................................................................................

ଅପରପକ୍ଷ : ଅରୁଣ ପରିଡ଼ା

ପକ୍ଷ : ମମତା ବେହେରା

.........................................................................................................................

କେସ୍ ପ୍ରକାର : ଯୌତୁକ ଜନିତ ଘଟଣା

.........................................................................................................................

ଅଭିଯୋଗକାରିଣୀ ମମତା ବେହେରା, ଅରୁଣ ପରିଡା ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ନେଇ ଅଭିଯୋଗ ଦାଖଲ କରିଥିଲେ । ସେ ଅରୁଣଙ୍କୁ ୨୦୧୫ ମସିହାରେ ବିବାହ କରିଥିଲେ । ୧ ମାସ ଗ୍ରାମରେ ଅରୁଣ ସହ ରହିବା ପରେ ଅରୁଣ ତାଙ୍କ କର୍ମସ୍ଥଳୀ ମୁମ୍ବାଇକୁ ନେଇ ଯାଇଥିଲେ । ସେଠାରେ ରହିବା ଭିତରେ ମମତାଙ୍କୁ ଅରୁଣ ତାଙ୍କ କାର୍ଯ୍ୟାଳୟର ଅଫିସରମାନଙ୍କ ଭଲମନ୍ଦ ବୁଝିବାକୁ କୁହନ୍ତି । ଏପରି କାମରେ ସେ ରାଜି ନ ହେବାରୁ ତାଙ୍କୁ ଅରୁଣ ମାଡ ମାରନ୍ତି । ସେସବୁକୁ ସହି ନ ପାରି ସେ ବାପା-ମା'ଙ୍କୁ ଫୋନ୍ କରି ବାପା ମା'ଙ୍କ ସାହାଯ୍ୟରେ ଘରକୁ ଆସି ରହିବା ଭିତରେ ସ୍ୱାମୀ ଅରୁଣ କି ତାଙ୍କ ପରିବାର ଲୋକେ ତାଙ୍କର କୌଣସି ଦାୟିତ୍ୱ ନେଇନଥିଲେ ।

ଏଥିପାଇଁ ଆୟୋଗ ତରଫରୁ Notice ଅରୁଣଙ୍କ ବାପା ମା'ଙ୍କୁ କରାଯାଇଥିଲା, କାରଣ ମମତା ଅରୁଣଙ୍କ ଠିକଣା ଜାଣନ୍ତି ନାହିଁ ବୋଲି କହିଥିଲେ । ଅରୁଣଙ୍କ ବାପା ମା'ଙ୍କ ସହ ଆଲୋଚନା କରାଯାଇଥିଲା । ଆଲୋଚନାରେ ପୁଅ ତାଙ୍କ କଥାରେ ନାହିଁ । ମମତା କୁହନ୍ତି- ଶାଶୁ ଶ୍ୱଶୁର ନଣନ୍ଦ ସମସ୍ତେ ମିଶି ତାଙ୍କୁ ନିର୍ଯ୍ୟାତନା ଦିଅନ୍ତି । ବାହାଘରର ଆଠ ଦିନରେ ଶାଶୁ ତାଙ୍କୁ ମାଡ ମାରିଥିଲେ । ଶାଶୁ ଶ୍ୱଶୁରଙ୍କୁ ପୁଅ-ଅରୁଣଙ୍କୁ ନେଇ ଉପସ୍ଥିତ ହେବାକୁ ପ୍ରସ୍ତାବ ଦେବାରେ ସେ ପୁଅ ଉପସ୍ଥିତ ହେବ ନାହିଁ ବୋଲି ପ୍ରକାଶ କରିଥିଲେ । ପରେ ଅରୁଣଙ୍କ ବାପା ମା'ଙ୍କ ସାଙ୍ଗରେ ଉପସ୍ଥିତ ଥିବା ଏକ ଭଦ୍ରଲୋକଙ୍କ ପାଖରୁ ଅରୁଣଙ୍କ ଫୋନ୍ ନମ୍ବର ଆଣି ଅରୁଣଙ୍କୁ Phone ରେ ଉକ୍ଟଭଷ୍ଟବମଷ୍ଟ କରାଯାଇ ଆୟୋଗରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ପରେ ଉଭୟପକ୍ଷ ଏକାଠି ହେବାପରେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଉଭୟ ଏକାଠି ମିଳିମିଶି ରହିବା ପାଇଁ ବାରମ୍ବାର ଚେଷ୍ଟା କରାଯାଇ ତାରିଖ ପରେ ତାରିଖ ଦିଆଯାଇଥିଲା । କିନ୍ତୁ କୌଣସି ସୁଫଳ ମିଳି ନଥିଲା । ସେଥିପାଇଁ ଉଭୟ ଅଲଗା ରହିବାକୁ ଚାହିଁବାରେ ଅରୁଣଙ୍କୁ ମମତାର ସମସ୍ତ ସ୍ତ୍ରୀ ଧନ, ସୁନାଗହଣା ଓ ଏକକାଳୀନ ଭରଣପୋଷଣ ଦେବା ନେଇ ନିଷ୍ପତ୍ତି ନିଆଗଲା । ସେମାନେ ଏଥିରେ ରାଜି ହୋଇଥିଲେ ।

•

ଜିଲ୍ଲା : ଖୋର୍ଦ୍ଧା

କେସ୍ ନଂ : ୧୦୫/୧୭

..............................................................................................

ପକ୍ଷ : ସ୍ତ୍ରୀ

ଅପରପକ୍ଷ : ସ୍ୱାମୀ

..............................................................................................

କେସ୍ ପ୍ରକାର : ଘରୋଇ ହିଂସା ଜନିତ ଘଟଣା

..............................................................................................

ଓଡିଆ ଘରର ଝିଅ ଭଲପାଇଲେ ମୁସଲମାନ ଘର ପୁଅକୁ । ସେ ଅନ୍ତଃସତ୍ୱା ହେଲେ । ତେଣୁ ବାଧ ହୋଇ ମୁସଲମାନ ଧର୍ମ ଗ୍ରହଣ କରି ବିବାହ କଲେ । ବେଶ୍ ୭/୮ ବର୍ଷ ଭଲରେ ଚଳିଲେ । ତା'ପରେ ଆରମ୍ଭ ହେଲା ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ । ଝିଅ ଶାଶୁଘର ଛାଡି ତାଙ୍କର ପୁତ୍ର ସନ୍ତାନ ସହିତ ଭୁବନେଶ୍ୱରରେ ରହିଛନ୍ତି । ଏଭଳି ଅଭିଯୋଗ କଲେ ଶାଶୁ । ଉଭୟ ପକ୍ଷଙ୍କୁ ଡକାଗଲା । ଝିଅ କହିଲେ ତାଙ୍କ ଜାତି ଲୁଚାଇ ମତେ ଭଲ ପାଇ ବିବାହ କଲେ । ମାତ୍ର ସ୍ୱାମୀ କିଛି କାମ କରୁ ନାହାନ୍ତି । କମ୍ପାନୀରେ ଚୋରୀ କରିବାରୁ କମ୍ପାନୀ ତାଙ୍କୁ ଚାକିରିରୁ କାଢି ଦେଲେ । ସେ ପାର୍ଲର କାମ କରି ଘର ଚଳାନ୍ତି । ନଣନ୍ଦ ଦିଅରର ବାହାଘର କଲେ । ଏବେ ସ୍ୱାମୀ ଘରେ ବସି ତାଙ୍କ ଚରିତ୍ର ସନ୍ଦେହ କରି ମରାଧରା କରୁଛନ୍ତି । ତେଣୁ ସେ ଆଉ ତାଙ୍କ ସହ ମିଶି ରହିବେ ନାହିଁ । ସେ ଛାଡପତ୍ର ଚାହୁଁଛନ୍ତି । ପୁଅ ମଧ୍ୟ ତା'ର ବାପା ପାଖକୁ ଯିବାକୁ ଚାହୁଁନି । ଉଭୟ ପକ୍ଷଙ୍କୁ ୬ ମାସ ସମୟ ଦିଆଗଲା ପୁନଃ ମିଳନ ପାଇଁ । ସ୍ୱାମୀ, ପିଲାର ପାଠପଢା ପାଇଁ ମାସକୁ ୨ ହଜାର ଟଙ୍କା ଦେବା ପାଇଁ କମିଶନ ଅର୍ଡ଼ର କଲେ । କିନ୍ତୁ ସ୍ୱାମୀ ମାତ୍ର ୨ ହଜାର ଟଙ୍କା ଦେଲେ ଏବଂ କହିଲେ ଯେ ମୋ ସ୍ତ୍ରୀ ପୁଅ ମୋ ଘରକୁ ଆସିଲେ ମୁଁ ଚଳେଇବି । ଝିଅ କିନ୍ତୁ ଆଉ ନଫେରିବା ପାଇଁ ଏକା ଜିଦ୍‌ରେ ରହିଲେ । ପରେ ଛାଡପତ୍ର ଦେଇ ଝିଅ ପୁଅକୁ ନେଇ ଏକା ବେଶ୍ ଭଲରେ ଅଛନ୍ତି । ନିଜେ ଗୋଟିଏ ପାର୍ଲର କରି ଭଲ ରୋଜଗାର କରୁଛନ୍ତି ।

•

(ଜୀବନରେ ପରସ୍ପର ମଧ୍ୟରେ ବୁଝାମଣା ରହିଲେ - ଜୀବନ ମଧୁମୟ ହୋଇଥାଏ ।
ଅବୁଝାମଣାରେ ପରିବାର ଭାଙ୍ଗିଯାଏ ।)

ଜିଲ୍ଲା : ଢେଙ୍କାନାଳ

କେସ୍ ନଂ : ୨୦୫/୧୮

ପକ୍ଷ : ଶାଶୁ

ଅପରପକ୍ଷ : ବୋହୂ / ବାପଘର

କେସ୍ ପ୍ରକାର : ଛାଡ଼ପତ୍ର ଜନିତ ଘଟଣା

ଝିଅ + ୩ ପାସ୍ କରିଥିଲେ । ଭଲ ଘର, ଭଲ ବର, ଏକମାତ୍ର ରୋଜଗାରିଆ ପୁଅ, ତେଜରାତି ଦୋକାନ କରୁଛି, ଅଚଳାଚଳ ସମ୍ପତ୍ତି । ମାତ୍ର ପୁଅଟି ମାଟ୍ରିକ୍ ପାସ୍ । ଅନିଚ୍ଛା ସତ୍ୱେ ଝିଅର ପିତା-ମାତା ଝିଅକୁ ବୁଝାସୁଝା କରି ବିବାହ କରିଥିଲେ । ଝିଅ ଶାଶୁଘରେ ପ୍ରାୟ ୬ ମାସ ରହିଲା । ମାତ୍ର ସ୍ୱାମୀ-ସ୍ତ୍ରୀଙ୍କ କୌଣସି ଶାରିରୀକ ସମ୍ବନ୍ଧ ନଥିଲା । ଝିଅ ୬ ମାସ ପରେ ବାପ ଘରକୁ ଆସି ଆଉ ଶାଶୁ ଘରକୁ ଯିବାକୁ ଚାହିଁଲେ ନାହିଁ । ତେଣୁ ଶାଶୁ କମିଶନରେ ଅଭିଯୋଗ କଲେ ଯେ ତାଙ୍କ ବୋହୂକୁ ପଠାଯାଉ, ସେମାନେ ଖାଇବା ପିଇବା ପାଇଁ ହଇରାଣ ହରକତ ହେଉଛନ୍ତି ।

ଝିଅ ପକ୍ଷକୁ ଡକାଗଲା । ଝିଅର ବାପା-ମାଆ ଆସିଲେ । ମାତ୍ର ଝିଅ ଅଭିଯୋଗ କଲେ ଯେ ତାଙ୍କ ସ୍ୱାମୀ ତାଙ୍କ ସହିତ କୌଣସି ଶାରିରୀକ ସମ୍ପର୍କ ରଖନ୍ତି ନାହିଁ, ଅନ୍ୟଥା ସ୍ୱାମୀ ତାଙ୍କୁ ବାଧ କରନ୍ତି ଯେ ତାଙ୍କ ସାଙ୍ଗ ସହିତ ଗୋଟିଏ ଘରେ ଗୋଟିଏ ବେଡ୍‌ରେ ରହିବା ପାଇଁ । ମାତ୍ର ସେ ଏ ପ୍ରସ୍ତାବରେ ରାଜି ନହେବାରୁ ସ୍ୱାମୀ ଅନ୍ୟ ରୁମ୍‌କୁ ଯାଇ ତାଙ୍କ ସାଙ୍ଗଙ୍କ ସହିତ ଶୁଅନ୍ତି ଓ କହନ୍ତି ଯେ ତାଙ୍କ ସାଙ୍ଗ ଯେଉଁ ସୁଖ ତାଙ୍କୁ ଦେଉଛି, ସେ ସେଥିରେ ଖୁସି, ଆଉ କିଛି ଆବଶ୍ୟକତା ନାହିଁ । ଏହି କଥା ଶାଶୁଙ୍କୁ ଜଣାଇବା ପରେ ଶାଶୁ କହିଲେ ଯେ ସେ ତାର ପୁଅ ସାଙ୍ଗ ସହିତ ଶୋଉଛି । କେତେଦିନ ଶୋଇବ ଶୋଉ । ମନ ବୁଝିଗଲେ ତୋ ପାଖକୁ ଆସିବ । ଏଥିରେ ବ୍ୟସ୍ତ ହେବାର କିଛି ନାହିଁ ।

ବାପଘର ଲୋକେ ଯେତେ ବୁଝାସୁଝା କଲା ପରେ ମଧ ଝିଅ କୌଣସି ପ୍ରକାର ରାଜି ହେଲା ନାହିଁ । ଅନ୍ୟପକ୍ଷରେ ଗୋଟିଏ ପ୍ରାଇଭେଟ୍ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାମ କରିବା ପାଇଁ ଇଚ୍ଛା ପ୍ରକାଶ କଲେ । ମାତ୍ର ତାଙ୍କ ପିତା-ମାତା ଏହା ଚାହୁଁ ନଥିଲେ । ଏଭଳି ପରିସ୍ଥିତିରେ ଉଭୟ ପକ୍ଷକୁ ବୁଝାଯାଇ ଉଭୟେ ୧୩ (ବି) ରେ ଛାଡପତ୍ର ପାଇଁ ଆବେଦନ କରିବା ପାଇଁ ରାଜି ହେଲେ ।

ଝିଅ ଛାଡପତ୍ର ନେଇ ଏବେ ସ୍ୱାଧୀନ ଜୀବନ ଅତିବାହିତ କରୁଛି । ସେଥିପାଇଁ କମିଶନଙ୍କୁ ଧନ୍ୟବାଦ ଜଣାଇଲେ ।

(ସମାଜକୁ ଦିଗ୍‌ଦର୍ଶନ ଦେବାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।)

ଜିଲ୍ଲା : ଭଦ୍ରକ କେସ୍ ନଂ : ୦୨/୨୦

.........................................................................................

ପକ୍ଷ : ସ୍ତ୍ରୀ ଅପରପକ୍ଷ : ଅଧ୍ୟାପକ ସ୍ୱାମୀ

.........................................................................................

କେସ୍ ପ୍ରକାର : ଭିନ୍ନକ୍ଷମ ପୁତ୍ର ଜନ୍ମ ଦେଇଥିବାରୁ ନିର୍ଯ୍ୟାତନା

.........................................................................................

ମାଆ ଜୀବନର ସାର୍ଥକତା ଲାଭ କରେ ମାତୃତ୍ୱରେ । ମାତ୍ର ତାର ଭିନ୍ନକ୍ଷମ ପୁଅକୁ ହରାଇ ଅତି ଆକୁଳରେ କ୍ରନ୍ଦନ କଲେ ମହିଳା କମିଶନର ଅଧକ୍ଷାଙ୍କ ପାଖରେ । "ମୋର ସ୍ୱାମୀ ମୋତେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ମୋର ଭିନ୍ନକ୍ଷମ ୨୨ ବର୍ଷର ପୁଅକୁ ତାର ବାପା ଭେଣ୍ଟିଲେଟର କାଢି ମାରିଦେଲେ ।"

ଘଟଣା ଅତ୍ୟନ୍ତ ଦୁଃଖଦାୟକ । ମହିଳାଟି ପ୍ରାୟ ୪/୫ ଘଣ୍ଟା ସମୟ ନେଲେ ତାଙ୍କ ୨୨ ବର୍ଷର ନିର୍ଯ୍ୟାତନା କାହାଣୀ ବଖାଣିବାକୁ । ସ୍ୱାମୀ ଅଧ୍ୟାପକ । ପୁଅଟିଏ ଝିଅଟିଏ । ଶାଶୁ-ଶ୍ୱଶୁର, ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅଙ୍କୁ ନେଇ ତାଙ୍କ ପରିବାର । ମହିଳାଟି ବୋହୂ ହିସାବରେ ଘରର ସବୁ କାମ କରନ୍ତି । ଶାଶୁ-ଶ୍ୱଶୁର ପିଲାମାନଙ୍କର ଯତ୍ନ ନିଅନ୍ତି । ମାତ୍ର ସ୍ୱାମୀଙ୍କ ଅଭିଯୋଗ ସ୍ତ୍ରୀ ଭଲ ରୋଷେଇ କରୁନି । ଭିନ୍ନକ୍ଷମ ପୁଅ କିପରି ପାଠ ପଢିବ ସେଥିରେ ଲାଗୁଛି । + ୩ ପରୀକ୍ଷା ପୁଅ ଦେଇଥିଲା ।

ରେଜଲ୍ଟ ବାହାରିଲା । ଯେତିକି ନମ୍ବର ରଖିବା କଥା ସେଥିରୁ କମିଗଲା ଯାହାଫଳରେ ବାପା ପୁଅକୁ ପିଟାପିଟି କଲେ । ମାଡ ଭୟରେ ପୁଅକୁ ଜ୍ୱର ହେଲା । ମାତ୍ର ବାପା ଭିନ୍ନକ୍ଷମ ପୁଅ ପାଇଁ ପଇସା ଖର୍ଚ୍ଚ କରିବା ପାଇଁ ରାଜି ନଥିଲେ । ହେଲେ ମାଆ ମନ ବୁଝିଲା ନାହିଁ । ସେ ତା'ର ଭାଇଠାରୁ ପଇସା ଆଣି ପୁଅକୁ ଡାକ୍ତରଖାନା ନେଲା । ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ଅବନ୍ନତି ଘଟିଲା, ଭେଣ୍ଟିଲେଟର ଲାଗିଲା । ବାପା ଏକଥା ଶୁଣି ଡାକ୍ତରଖାନାକୁ ଗଲେ । ସ୍ତ୍ରୀ ପୁଅ ସହିତ ରାତିରେ ରହିଲେ । ନିର୍ଜନ ରାତିରେ ବାପା, ପୁଅର ଭେଣ୍ଟିଲେଟର କାଢିଦେଲେ ଏବଂ ମାଆର ମୁହଁକୁ ଚାପିଧରିଲେ । ପୁଅ ଛଟପଟ ହୋଇ ମୃତ୍ୟୁବରଣ କଲା ବୋଲି ମାଆ ଅଭିଯୋଗ କରନ୍ତି । ସେ ଆଉ ସ୍ୱାମୀଙ୍କ ପାଖକୁ ଫେରିବେ ନାହିଁ । ତାଙ୍କ ଝିଅକୁ ଆଣି ଦିଅନ୍ତୁ ଏବଂ ସ୍ୱାମୀ ଦଣ୍ଡ ପାଆନ୍ତୁ ବୋଲି ଦାବି କଲେ ।

ଏସବୁ ଘଟଣା ଶୁଣିଲା ପରେ ସ୍ୱାମୀଙ୍କୁ ଡକାଗଲା । ଉଭୟ ପକ୍ଷଙ୍କୁ ଶୁଣିଲା ପରେ ଏ ଘଟଣାର ସତ୍ୟତା ପାଇଁ ଆରକ୍ଷୀ ଅଧିକ୍ଷକଙ୍କୁ ଚିଠି ଲେଖାଗଲା ତଦନ୍ତ କରିବା ପାଇଁ । ସ୍ୱାମୀ, ପୁଅକୁ ମାରିବା ଘଟଣା ମିଥ୍ୟା ବୋଲି କହିବା ସହିତ ସ୍ତ୍ରୀଙ୍କୁ ଫେରାଇ ନେବା ପାଇଁ ଅନୁନୟ ବିନୟ କଲେ ।

ମାତ୍ର ସ୍ତ୍ରୀ ନ ଯିବା ପାଇଁ ସ୍ଥିର କଲେ । ଝିଅକୁ ଫେରାଇ ଆଣିବା ପାଇଁ ଉଡଡ ରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଗଲା । କିନ୍ତୁ ଝିଅ, ପିତା-ମାତାଙ୍କ ସହିତ ରହିବା ପାଇଁ ଜିଦ୍ ଧରିବାରୁ ମାଆ ଝିଅ କଥାରେ ରାଜି ହୋଇ ଘରକୁ ଫେରିବେ ବୋଲି କହିଲେ ।

•

ଜିଲ୍ଲା : କଳାହାଣ୍ଡି / ଜୁନାଗଡ଼

କେସ୍ ନଂ : ୨୨/୨୦

ପକ୍ଷ : ମହିଳା କମିଶନ

ଅପରପକ୍ଷ : ଏସ୍.ପି./କଲେକ୍ଟର

କେସ୍ ପ୍ରକାର : ଗଣଦୁଃଷ୍କର୍ମ ଜନିତ ଘଟଣା

ଗଣ ମାଧ୍ୟମରୁ ଜଣାପଡିଲା ଯେ କଳାହାଣ୍ଡି ଜିଲ୍ଲା ଜୁନାଗଡରେ ଗୋଟିଏ ଗଣଦୁଃଷ୍କର୍ମ ଘଟିଛି । ଏକଥା ଶୁଣି ଅଧ୍ୟକ୍ଷା ମହୋଦୟା ତାଙ୍କ ଦଳ ଧରି ଜୁନାଗଡ ଗଲେ । ସେଠାରେ ସରଜମିନ୍ ତଦନ୍ତ ପରେ ଜଣାପଡିଲା ଯେ ଝିଅଟି ଧନ୍ଦାମୂଳକ ଶିକ୍ଷା ନେଉଥିଲା । କ୍ଲାସ ସରିବା ପରେ ବସ୍‌ରେ ଘରକୁ ଫେରିବା ପାଇଁ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ । କୌଣସି କାରଣରୁ ସେଦିନ ବସ୍ ବନ୍ଦ ଥିଲା । ବସ୍‌ଷ୍ଟାଣ୍ଡରେ ତାଙ୍କ ଗାଁର ଜଣେ ଯୁବକଙ୍କ ସହିତ ତାଙ୍କର ଦେଖାହେଲା । ସେ କହିଲେ ତାଙ୍କ ବାଇକ୍‌ରେ ଯିବାପାଇଁ । ଯେହେତୁ ବସ୍ ନଥିଲା ତେଣୁ ବାଧ ହୋଇ ସେ ଉକ୍ତ ଯୁବକଙ୍କ ସହିତ ମଟରସାଇକେଲରେ ବସି ଘର ଅଭିମୁଖେ ଆସିଲା । ମୁଖ୍ୟ ରାସ୍ତା ଛାଡି ଅନ୍ୟ ଜଙ୍ଗଲିଆ ରାସ୍ତାରେ ଆସିଲେ । ବାରମ୍ବାର ସେ ଯୁବକଙ୍କ ପାଖକୁ ଫୋନ୍ ଆସୁଥାଏ । ତେଣୁ ଯୁବତୀଟି ମଧ୍ୟ ଟିକେ ଡରି ଯାଇଥିଲା । ହଠାତ୍ ଗୋଟିଏ ନିକାଞ୍ଚନ ଜଙ୍ଗଲ ରାସ୍ତାରେ ବାଇକ୍‌ଟି ରହିଲା । ଯୁବକ ପରିସ୍ରା ଯିବା ଉଦ୍ଦେଶ୍ୟରେ ଜଙ୍ଗଲ ଭିତରକୁ ଗଲେ । ତା'ପରେ ଆସିଗଲେ ଚାରିଜଣ ଯୁବକ । ଜଙ୍ଗଲ ଭିତରକୁ ଟାଣିନେଇ ଜଣକ ପରେ ଜଣେ ଚାରି /ପାଞ୍ଚ ଜଣ ଯୁବକ ତାକୁ ଗଣଦୁଃଷ୍କର୍ମ କଲେ ଏବଂ ଭିଡିଓ କରି ଭାଇରାଲ କଲେ ।

କମିଶନ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କଲାପରେ Crime Branch କୁ ଫୋନ୍ କଲେ ଭାଇରାଲ ଭିଡିଓଟିକୁ ବନ୍ଦ୍ କରିବା ପାଇଁ । whatsapp vst କୁ ଫୋନ କରି ଭିଡିଓଟି ବନ୍ଦ୍ କରାଗଲା ଏବଂ ଏହି ପରିପ୍ରେକ୍ଷୀରେ Crime Branch cyber crime ରୋକିବା ପାଇଁ ଗୋଟିଏ helpline no. ୧୫୫୨୬୦ ଜାରିକଲେ । ତା'ପରେ S.P and Collector ଙ୍କୁ ଭେଟି ସେ ଝିଅର Victim companission ପାଇଁ DLS କୁ recommend କରାଯାଇଥିବା ସହିତ ପୀଡିତାର college transfer ପାଇଁ recommend କରାଗଲା ଏବଂ ଦୁଃଷ୍କର୍ମକାରୀଙ୍କୁ ତୁରନ୍ତ ଗିରଫ କରାଯାଇଥିଲା ।

ଜିଲ୍ଲା : ରାୟଗଡ଼ା                                        କେସ୍ ନଂ : ୧୬/୧୯

ପକ୍ଷ : ମିଲି ବେହେରା                 ଅପରପକ୍ଷ : ବୈକୁଣ୍ଠ ବେହେରା ଓ ତୁଳସୀ ବେହେରା

କେସ୍ ପ୍ରକାର : ଯୌତୁକ ଜନିତ ଘଟଣା

ଦରଖାସ୍ତକାରିଣୀ ମିଲି ବେହେରା ବୋହୂ ଏଠାରେ ତାଙ୍କ ଶ୍ୱଶୁର ବୈକୁଣ୍ଠ ବେହେରା ଓ ଶାଶୁ ତୁଳସୀ ବେହେରାଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ନେଇ ଅଭିଯୋଗ ପ୍ରଦାନ କରିଥିଲେ । ଅଭିଯୋଗରେ ବିବାହ ଗୋଟିଏ ମାସରେ ବୋହୂ ତୁଳସୀ ବେହେରାଙ୍କୁ ଶାଶୁ ଅଧିକ ଯୌତୁକ ନେଇ ଗଣ୍ଡଗୋଳ କରନ୍ତି, ଖାଇବା ପିଇବାକୁ ଦିଅନ୍ତି ନାହିଁ । ଘରୋଇ ଜିନିଷପତ୍ର ମଧ୍ୟ ବ୍ୟବହାର କରିବାକୁ ଦିଅନ୍ତି ନାହିଁ । ବୈକୁଣ୍ଠ ବେହେରା ଶ୍ୱଶୁର ଖରାପ ବ୍ୟବହାର ଦେଖାଇ ମିଲି ବେହେରାକୁ ମାଡ ମାରନ୍ତି । ସମସ୍ତ ଘଟଣାକୁ ସହ୍ୟ କରି ସେ କଷ୍ଟରେ ଚଳୁଛନ୍ତି ।

ସମସ୍ତ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଆପୋଷରେ ସମାଧାନ ପାଇଁ ଦୁଇପକ୍ଷଙ୍କୁ ଆୟୋଗ ତରଫରୁ ନୋଟିସ କରାଯାଇଥିଲା । ସେମାନେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଆଲୋଚନା କରାଗଲା । ଆଲୋଚନାରେ ଶାଶୁ ଶ୍ୱଶୁର କୁହନ୍ତି ମିଲି ବେହେରା ଓ ତାଙ୍କ ପୁଅ ମାନସ ବେହେରା ତାଙ୍କୁ ଘରୁ କାଢି ଦେବାରେ ସେ ମନ୍ଦିରରେ ଆଶ୍ରୟ ନେଇଛନ୍ତି । ଏଥିପାଇଁ ସେମାନଙ୍କୁ ଶାଶୁ ଶ୍ୱଶୁରଙ୍କୁ ଆଣି ରଖିବାକୁ ପରାମର୍ଶ ଦିଆଯାଇଥିଲା । ଶାଶୁ ଶ୍ୱଶୁର କୁହନ୍ତି ତାଙ୍କର ଘର ଭାଙ୍ଗି ଯାଇଛି । ଘର ତିଆରି କରିବାକୁ ତାଙ୍କର ଅର୍ଥ ନାହିଁ । ଏଥିପାଇଁ ମିଲି ବେହେରା ଓ ମାନସ ବେହେରାଙ୍କୁ ଶାଶୁ ଶ୍ୱଶୁରଙ୍କ ସହିତ ରହି ଘର ତିଆରି କରିବାକୁ କୁହାଗଲା । ଉଭୟ ଏଥିରେ ରାଜି ହୋଇ ନିଜ ନିଜ ଲିଖିତ ବୟାନ ମଧ୍ୟ ଦାଖଲ କଲେ, ଯାହାକି ଫାଇଲ୍‌ରେ ରହିଅଛି ।



ଜିଲ୍ଲା : ଢେଙ୍କାନାଳ

କେସ୍ ନଂ : ୫୫/୧୮

..........................................................................................

ପକ୍ଷ : ସୁଜାତା ପତି

ଅପରପକ୍ଷ : ରଞ୍ଜିତା ପତ

..........................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

..........................................................................................

ଅଭିଯୋଗକାରିଣୀ ସୁଜାତା ପତି ଏଠାରେ ତାଙ୍କୁ ବୋହୂ ରଞ୍ଜିତା ପତିଙ୍କ ଦ୍ୱାରା ହଇରାଣ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଅଭିଯୋଗରେ ତାଙ୍କ ପୁଅ ବିଶ୍ୱଜିତ୍ ପତିଙ୍କ ସହ ରଞ୍ଜିତାର ବିବାହ ୨୦୧୫ ମସିହାରେ ହୋଇଥିଲା । ବିବାହ ପରଠାରୁ ରଞ୍ଜିତା କଥା କଥାରେ ବାପା ଘରକୁ ଯିବାକୁ ଇଚ୍ଛା କରେ ଘରେ ପୁଅ-ବିଶ୍ୱଜିତ୍‌କୁ ପସନ୍ଦ କରେ ନାହିଁ । ତାଙ୍କ କଥା କି ପୁଅ କଥାମାନେ ନାହିଁ କଲି ଝଗଡା କରନ୍ତି । ଭଦ୍ରଲୋକଙ୍କ ମାଧମରେ ବାରମ୍ବାର ସମାଧାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ରଂଜିତା ପାଖରୁ ତାଙ୍କ ପୁଅର ଏକ ପୁଅ । ଘରେ ଗଣ୍ଡଗୋଳ କରି ପୁଅକୁ ନେଇ ବାପା ଘରେ ଯାଇ ରହୁଥିଲା ।

ଏହି ଘଟଣା ନେଇ ଆୟୋଗ ତରଫରୁ ରଂଜିତା ପତିଙ୍କୁ Notice କରାଯାଇ ତାଙ୍କ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ସମସ୍ତ ଘଟଣାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରଂଜିତା କୁହନ୍ତି- ସେ ବିଶ୍ୱଜିତ୍ ସହ ଭଲରେ ଚଳୁଥିଲେ କିନ୍ତୁ ପରେ ବିଶ୍ୱଜିତ୍ ତାଙ୍କୁ ମାଡ ମାରିଥିଲେ । ବିଶ୍ୱଜିତ୍ କୁହନ୍ତି- ରଂଜିତା ତାଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରନ୍ତି ନାହିଁ । ସବୁବେଳେ ଅନିଚ୍ଛା ପ୍ରକାଶ କରନ୍ତି । ତାଙ୍କୁ ଭଲ ଲାଗିବା ପାଇଁ ରଂଜିତାଙ୍କୁ ବିଭିନ୍ନ ଜାଗାକୁ ନେଇ ସେ ବୁଲାଇବାକୁ ଯାଇଛନ୍ତି ବୋଲି କହିଲେ । ସେ ରଂଜିତାକୁ ଭଲ ପାଆନ୍ତି । ଘରେ ବିଧବା ମା'କୁ ଛାଡି ରଂଜିତାକୁ ଭୁବନେଶ୍ୱରରେ ଆଣି ରଖିବା ପରେ ମଧ୍ୟ ରଂଜିତା ତାଙ୍କୁ ଛାଡି ପଳାଇଛି ।

ଏହିସବୁ ନେଇ ରଂଜିତା ଓ ବିଶ୍ୱଜିତ୍‌ଙ୍କ ଘର ସଂସାରକୁ ପୁନଷ୍ଚ ବଜାୟ ରଖିବା ନେଇ ସେମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ତାରିଖ ପରେ ତାରିଖ ଦିଆଯାଇ ମିଳାମିଶା କରାଯାଇଥିଲା । ସେମାନେ ଖୁସିରେ ଭଲରେ ମିଳିମିଶି ଚଳିଥିଲେ । ପରେ ସେମାନଙ୍କୁ ଆୟୋଗରେ ପୁନଷ୍ଚ ନିଜ ରହଣି ସମ୍ବନ୍ଧରେ ଜଣାଇବାକୁ କୁହାଯାଇଥିଲା ସେମାନେ ଭଲରେ ଖୁସିବାସିରେ ଚଳୁଛନ୍ତି ବୋଲି ପ୍ରକାଶ କରିଥିଲେ ।

•

(ଧୈର୍ଯ୍ୟ ଓ ସଂଯମତା ହିଁ ଜୀବନକୁ ସରସ ସୁନ୍ଦର କରିଥାଏ ।)



ଓଡ଼ିଶା ରାଜ୍ୟ ମହିଳା ଆୟୋଗ



କର୍ତ୍ତବ୍ୟ ପଥରେ...



ସ୍ମୃତିର ଝଲକ୍...


ଓଡ଼ିଶା ରାଜ୍ୟ ମହିଳା ଆୟୋଗ



କର୍ତ୍ତବ୍ୟ ପଥରେ...



ସ୍ମୃତିର ଝଲକ୍...

ଜିଲ୍ଲା : ଜଗତ୍‌ସିଂହପୁର                                        କେସ୍ ନଂ : ୩୩/ ୧୯

ପକ୍ଷ : ସଙ୍ଗୀତା ସାମଲି                                        ଅପରପକ୍ଷ : ତ୍ରିନାଥ ଦଳାଇ

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଅଭିଯୋଗକାରିଣୀ ସଂଗୀତା ସାମଲ ଏଠାରେ, ତାଙ୍କ ସ୍ୱାମୀ ତ୍ରିନାଥ ଦଳାଇଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ନେଇ ଅଭିଯୋଗ ଦେଇଥିଲେ । ଅଭିଯୋଗରେ ସେ ତା୦୧.୦୭.୨୦୧୮ ମସିହାରେ ତ୍ରିନାଥ ଦଳାଇଙ୍କୁ ହିନ୍ଦୁଶାସ୍ତ୍ର ବୈଦିକ ପ୍ରଥା ମୁତାବକ ବିବାହ କରିଥିଲେ । ବିବାହଦିନଠୁ ସ୍ୱାମୀ ତ୍ରିନାଥ ତାଙ୍କୁ ଭଲ ପାଆନ୍ତି ନାହିଁ କି ପସନ୍ଦ କରନ୍ତି ନାହିଁ । ଛୋଟ ଛୋଟ କଥାରେ ମାଡ ମାରନ୍ତି । ଶାଶୁ ଶ୍ୱଶୁର ଓ ଦିଅର ଗାଳି ଗୁଲଜ କରନ୍ତି । ଖାଇବା ପିଇବାର ଦାୟିତ୍ୱ ନିଅନ୍ତି ନାହିଁ । ସଂଗୀତା ତାଙ୍କ ସ୍ୱାମୀଙ୍କ ଔରସରୁ ଗର୍ଭଥିବା ବେଳେ ତ୍ରିନାଥ ତାଙ୍କର ଗର୍ଭକୁ ମେଡିସିନ୍ ଦେଇ ନଷ୍ଟ କରିଦେଇଥିଲେ । ଶାଶୁଘର ପରିବାର ଲୋକେ ମଧ୍ୟ ଗର୍ଭନଷ୍ଟ କରିଦେବାକୁ ଚେଷ୍ଟା କରିଥିଲେ ।

ସମସ୍ତ ଘଟଣାକୁ ନେଇ ତ୍ରିନାଥ ଓ ସଂଗୀତାଙ୍କୁ ଆୟୋଗ ତରଫରୁ ନୋଟିସ କରାଯାଇଥିଲା । ପରେ ସେ ଅନୁପସ୍ଥିତ ରହିଥିବାରୁ ତାଙ୍କୁ phone ମାଧ୍ୟମରେ contact କରାଯାଇ ନ ଆସିବାର କାରଣ ପଚାରିବାରେ ତାଙ୍କର police case ହୋଇଛି ଏବଂ ସେ ବେଲ୍‌ରେ ଆସିଛନ୍ତି ବୋଲି ପ୍ରକାଶ କରିଥିଲେ । ତଥାପି ତାଙ୍କୁ ଆୟୋଗକୁ ଆସି ଅଭିଯୋଗ ନେଇ ଉପସ୍ଥିତ ହେବାକୁ ପରାମର୍ଶ ଦିଆଯାଇଥିଲା । ପରେ ଉଭୟଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା ତ୍ରିନାଥ କୁହନ୍ତି- ସଂଗୀତା ସବୁବେଳେ ତାଙ୍କ ଭିଣେଇ ସହ କଥାବାର୍ତ୍ତା କରେ । ୧ମାସ ୩ ଦିନ ରହିବା ପରେ ବାପା ଘରକୁ ଯାଇଥିଲେ ।

ପଞ୍ଚାୟତ ମାଧ୍ୟମରେ ସମାଧାନ ନ ହୋଇ ଆସିବା ପରେ ଗର୍ଭବତୀ ଅଛି ବୋଲି କହିଥିଲେ । ସଂଗୀତା ତାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ଏଥିପାଇଁ ସେ Advance ବେଲ୍‌ରେ ଆସିଛନ୍ତି । ସେ ଆଉ ସଂଗୀତା ସହ ଘର ସଂସାର କରି ଚଳିବାକୁ ଚାହୁଁନାହାଁନ୍ତି ବୋଲି ସ୍ପଷ୍ଟ ପ୍ରକାଶ କରିଥିଲେ । ଏଥିପାଇଁ ସେମାନଙ୍କ ମଧ୍ୟରେ ଆପୋଷରେ ସମାଧାନ ନିମନ୍ତେ ତ୍ରିନାଥଙ୍କୁ ସଂଗୀତାର ସମସ୍ତ ଜିନିଷ ପତ୍ର ସୁନାଗହଣା ଫେରସ୍ତ ସହ ସଂଗୀତାର ଏକକାଳୀନ ଭରଣପୋଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉଭୟପକ୍ଷ ଏଥିରେ ରାଜି ହୋଇଥିଲେ । ତ୍ରିନାଥ ସଂଗୀତାର ସୁନାଗହଣା, ଧନ ଓ ଏକକାଳୀନ ଭରଣପୋଷଣ ଦେଇ ସାରିଛନ୍ତି ।

କେସ୍ ନଂ : ୧୧୨/୧୮

ଜିଲ୍ଲା : ଖୋର୍ଦ୍ଧା

ପକ୍ଷ : ବିଜୁଳି ମୁଦୁଲି

ଅପରପକ୍ଷ : ପ୍ରକାଶ ଚନ୍ଦ୍ର ମୁଦୁଲ

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଅଭିଯୋଗକାରିଣୀ ବିଜୁଳି ମୁଦୁଲି ତାଙ୍କ ସ୍ୱାମୀ ପ୍ରକାଶ ଚନ୍ଦ୍ର ମୁଦୁଲି ଶାଶୂ ଓ ଶ୍ୱଶୁରଙ୍କ ନାମରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗରେ ସେ ୨୦୧୬ ମସିହାରେ ପ୍ରକାଶଙ୍କୁ ବିବାହ କରିଥିଲେ । ବିବାହର ୩ ମାସ ସୁଖ ଶାନ୍ତିରେ କଟାଇବା ପରେ ଅଧିକ ଯୌତୁକ ସ୍ୱାମୀ ଓ ଶାଶୂ ଶ୍ୱଶୁର ଦାବି କରିଥିଲେ । ଏଥିପାଇଁ ଗାଳିଗୁଲଜ କରି ମାଡ ମଧ୍ୟ ମାରନ୍ତି । ଏହି ଘଟଣାକୁ ନେଇ ସେ ଶାଶୂ ଘରେ ଚଳିବାକୁ ନାରାଜ ।

ଏହିସବୁ ନେଇ ପ୍ରକାଶ ଚନ୍ଦ୍ର ଓ ତାଙ୍କ ବାପାଙ୍କୁ ଆୟୋଗ ତରଫରୁ ଘକ୍ଷ୍ୟସମର କରାଯାଇଥିଲା । ପ୍ରକାଶଙ୍କ ସହ ଅଭିଯୋଗ ବିଷୟରେ ଆଲୋଚନା କରାଯିବାରେ ସେ କହିଲେ ଯେ ତାଙ୍କ ସ୍ତ୍ରୀ ବାପା ଘରକୁ ଯାଇ ଆଉ ଫେରୁନି । ଘରେ କାହା କଥା ମାନନ୍ତି ନାହିଁ । କଥାବାର୍ତ୍ତା ମଧ୍ୟ ଭଲରେ କରନ୍ତି ନାହିଁ । ସମସ୍ତ ଘଟଣା ଶୁଣିବା ପରେ ସେମାନେ ଏକାଠି ହୋଇ ରହିବା ଉଦ୍ଦେଶ୍ୟରେ ଆୟୋଗ ତରଫରୁ ତାଙ୍କୁ ତାରିଖ ପରେ ତାରିଖ ଦିଆଯାଇଥିଲା । ଶେଷରେ ପ୍ରକାଶ ତାଙ୍କ ସ୍ତ୍ରୀ ଓ ଝିଅ ସହ ଅଲଗା ହୋଇ ଚଳିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରକାଶଙ୍କୁ ଟଙ୍କା ରୋଜଗାର ନେଇ ଉପଯୁକ୍ତ ଜାଗାରେ ଏକ ଚାକିରି କରିବାକୁ ସମୟ ଦିଆଯାଇଥିଲା । ପ୍ରକାଶ ଏକ Hotel ରେ କାମକରି ବିଜୁଳିଙ୍କୁ ନେଇ ଘରଭଡା କରି BBSR ରଖିଥିଲେ । ପରେ ଉଭୟ ଭଲରେ ଚଳୁଛନ୍ତି ବୋଲି ଜଣାଇ ବିଜୁଳି ଦ୍ୱିତୀୟ ସନ୍ତାନର ମାଆ ହେବାକୁ ଯାଉଛନ୍ତି ବୋଲି କହିଥିଲେ । Corona ପାଇଁ ପ୍ରକାଶଙ୍କର ରୋଜଗାର କମି ଯାଇଥିବାରୁ ପ୍ରକାଶଙ୍କ ବାପା ତାଙ୍କୁ ଟଙ୍କା ସାହାଯ୍ୟ କରିଥିଲେ । ଉଭୟ ଏଥିପାଇଁ ଗାଁରେ ସୁରକ୍ଷିତ ଭାବରେ ରହିବେ ବୋଲି ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ଉଭୟ ଭଲରେ ଅଛନ୍ତି ।

•

(କ୍ରୋଧ ସୁଖ ଶାନ୍ତିକୁ ନଷ୍ଟ କରେ ।
ଏଣୁ କ୍ରୋଧ ବର୍ଜନ କରି ଶାନ୍ତଶିଷ୍ଟ ହୋଇ ସମସ୍ୟାକୁ ବୁଝିଲେ ସମାଧାନର ବାଟ ମିଳେ ।)

ଜିଲ୍ଲା : ଖୋର୍ଦ୍ଧା                                        କେସ୍ ନଂ : ୪୬/୧୭

.........................................................................................

ପକ୍ଷ : ପ୍ରଜ୍ଞାଶ୍ରୀ ରାଉତରାୟ                    ଅପରପକ୍ଷ : ପ୍ରଶାନ୍ତ କୁମାର ନାୟକ

.........................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

.........................................................................................

ପ୍ରଜ୍ଞାଶ୍ରୀ ରାଉତରାୟ ଏଠାରେ ତାଙ୍କ ସ୍ୱାମୀ ସହ ତାଙ୍କ ପରିବାର ବର୍ଗ (ଶାଶୁଘର) ନାମରେ ଅଭିଯୋଗ ଦେଇଥିଲେ । ଅଭିଯୋଗରେ ତାଙ୍କ ସ୍ୱାମୀ ମୁମ୍ବାଇରେ ରହୁଥିବାରୁ ଶାଶୁ ଘରେ ତାଙ୍କୁ ଅଧିକ ଯୌତୁକ ଦାବି କରିଥିଲେ । ଏଥିପାଇଁ ଖରାପ ଭାଷରେ ଗାଳିଗୁଲଜ କରନ୍ତି । ସାନ ଦିଅର ମଧ୍ୟ ଗାଳିଗୁଲଜ କରେ, ସେସବୁ ତାଙ୍କ ସ୍ୱାମୀ ପ୍ରଶାନ୍ତକୁ ଜଣାନ୍ତି । କିନ୍ତୁ ତାଙ୍କ ସ୍ୱାମୀ କୌଣସି ପ୍ରତିକାର କରନ୍ତି ନାହିଁ । ତାଙ୍କର ପ୍ରଶାନ୍ତ ପାଖରୁ ଏକ ପୁତ୍ରସନ୍ତାନ ହୋଇଥିଲା । କିନ୍ତୁ ପ୍ରଶାନ୍ତ କି ତାଙ୍କ ପରିବାରବର୍ଗ କୌଣସି ଆର୍ଥିକ ସହଯୋଗ କରିନଥିଲେ । ଛୁଆ ଜନ୍ମପରେ ପ୍ରଶାନ୍ତ ଘରକୁ ନେଇଥିଲେ । କିନ୍ତୁ ପୂର୍ବପରି ଅତ୍ୟାଚାର ବଢି ଚାଲିଥିଲା । ଏଥିପାଇଁ ସେ Police ରେ ଜଣାଇ ତାଙ୍କ ପୁତ୍ର ସନ୍ତାନ ସହ ବାପା ଘରେ ରହିଥିଲେ । ପରେ ଶାଶୁଘରେ କି ସ୍ୱାମୀ କୌଣସି ସମ୍ପର୍କ ନ ରଖିବାରେ ସେ ପୁନଶ୍ଚ Police ର ଆଶ୍ରୟ ନେଇଥିଲେ । କିନ୍ତୁ Police ସହଯୋଗ ନ କରିବାରେ ସେ ଭରଣ ପୋଷଣ ମୋକଦ୍ଦମା କରିଥିଲେ ।

ଏହିସବୁ ନେଇ ପ୍ରଜ୍ଞାଙ୍କ ସ୍ୱାମୀଙ୍କୁ ଆୟୋଗ ତରଫରୁ Notice କରାଯାଇଥିଲା । ଉକ୍ତ ଘଟଣାକୁ ନେଇ ତାଙ୍କ ସହ ଆଲୋଚନା କରାଯାଇଥିଲା । ପ୍ରଶାନ୍ତ Court ରେ ପ୍ରଜ୍ଞାକୁ ନେବା ନେଇ case କରିଛନ୍ତି ବୋଲି ପ୍ରକାଶ କରନ୍ତି । ଏଥିପାଇଁ ଦୁଇଜଣଙ୍କ ମିଳାମିଶା ପାଇଁ ଆଲୋଚନା କରାଯାଇ ଏକାଠି ହୋଇ ରହିବାକୁ ପରାମର୍ଶ ଦିଆଯାଇଥିଲା ।

ଆଲୋଚନାରେ ଉଭୟ ଉଭୟଙ୍କୁ ଦୋଷାରୋପ କରିଥିଲେ । ଶେଷରେ ପ୍ରଶାନ୍ତକୁ ତାଙ୍କ ଚାକିରି ଜାଗାକୁ ନେଇ ରଖିବାକୁ କୁହାଯାଇଥିଲା । ଉଭୟ ଏଥିରେ ରାଜି ହୋଇଥିଲେ । ଏଥିପାଇଁ ସେମାନଙ୍କ ମଧ୍ୟରେ ବାରମ୍ବାର counselling କରାଯାଇଥିଲା । ଉଭୟ ଏକାଠି ଭଲରେ ଅଛନ୍ତି ।

•

(ନାରୀ ସର୍ବଂସହା ଜନନୀ, ଭଗ୍ନୀ, ଜାୟା ରୂପରେ ବନ୍ଦନୀୟା ।
ତା' ପ୍ରତି ସମ୍ମାନ ପ୍ରଦର୍ଶନ ସମସ୍ତଙ୍କର କର୍ତ୍ତବ୍ୟ ହେଉ ।)

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର

କେସ୍ ନଂ : ୧୩/୧୯

ପକ୍ଷ : ସୁକାନ୍ତି ବେହେରା

ଅପରପକ୍ଷ : ଟୁନା ଦାସ

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଦରଖାସ୍ତକାରିଣୀ ସୁକାନ୍ତି ବେହେରା ଏଠାରେ ତାଙ୍କ ସ୍ୱାମୀ ଟୁନା ଦାସ ନାମରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ନେଇ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ସେ ୨୦୧୫ ମସିହାରେ ବିବାହ କରିଥିଲେ । ବିବାହ ପରେ ତାଙ୍କ ସ୍ୱାମୀ ଟୁନା ଦାସ ଅଧିକ ଯୌତୁକ ଦାବି କରି ବାଡ଼ାବାଡ଼ି କରନ୍ତି । ଏଥିପାଇଁ ସେ ତାଙ୍କ ବାପାଙ୍କୁ ଡକାଇ ବାପା ଘରକୁ ପଳାନ୍ତି । ଗ୍ରାମ ଭଦ୍ରଲୋକଙ୍କ ମାଧ୍ୟମରେ ଏଥିପାଇଁ ସମାଧାନ କରାଯାଇଥିଲା । ସୁକାନ୍ତି ତାଙ୍କ ଶାଶୁଘରେ ରହିଥିଲେ । କିନ୍ତୁ ପୂର୍ବପରି ଅତ୍ୟାଚାର କମିନଥିଲା । ତାଙ୍କ ସ୍ୱାମୀଙ୍କ ପାଖରୁ ତାଙ୍କର ଏକ କନ୍ୟା ସନ୍ତାନ । ସ୍ୱାମୀଙ୍କ ଭାଉଜ କଥାରେ ତାଙ୍କୁ ମାଡ ମାରନ୍ତି ।

ସମସ୍ତ ଘଟଣାକୁ ନେଇ ସୁକାନ୍ତି ବେହେରାଙ୍କ ସ୍ୱାମୀଙ୍କୁ ଆୟୋଗ ତରଫରୁ ନୋଟିସ କରାଯାଇ ଆଲୋଚନା କରାଯାଇଥିଲା । ଆଲୋଚନାରେ ସୁକାନ୍ତି ତାଙ୍କ ସ୍ୱାମୀଙ୍କ ଭାଉଜ ସହ ସମ୍ପର୍କ ଅଛି ବୋଲି ପ୍ରକାଶ କରିଥିଲେ । ଏଥିରେ ତାଙ୍କ ସ୍ୱାମୀ ଏହାକୁ ମିଥ୍ୟା ବୋଲି କହିଥିଲେ । ସେ କହିଲେ- ସୁକାନ୍ତି ଘରେ ଜମା କାମଦାମ କରନ୍ତି ନାହିଁ । ଖାଇବାକୁ ଦିଅନ୍ତି ନାହିଁ । ତାଙ୍କ କଥା ଶୁଣନ୍ତି ନାହିଁ । ମନଇଚ୍ଛା ବାପା ଘରକୁ ପଳାନ୍ତି ।

ଏଥିପାଇଁ ସୁକାନ୍ତି ତାଙ୍କ ସ୍ୱାମୀ ଟୁନା ଦାସ ସହ ଆଉ ରହିବାକୁ ଚାହୁଁ ନାହାଁନ୍ତି ବୋଲି ସ୍ପଷ୍ଟ ପ୍ରକାଶ କରିଥିଲେ । ତାଙ୍କ ସ୍ୱାମୀ ସହ ରହିଲେ ତାଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି କହିଥିଲେ । ଉପସ୍ଥିତ ଟୁନା ଦାସଙ୍କ ଭିଣେଇ ଓ ଭାଇ ବହୁଥର ସମାଧାନ କରାଯାଇଛି ବୋଲି କହିଥିଲେ । ଶେଷରେ ଆୟୋଗ ଟୁନା ଦାସଙ୍କୁ ସୁକାନ୍ତିର ସମସ୍ତ ସୁନାଗହଣା, ଜିନିଷପତ୍ର ଓ ଏକକାଳୀନ ଭରଣପୋଷଣ ଦେବାକୁ ପ୍ରସ୍ତାବ ଦିଆଗଲା । ଏଥିପାଇଁ ଟୁନା ଦାସ ସମୟ ନେଇଥିଲେ । ସୁକାନ୍ତିକୁ ମଧ୍ୟ ତାଙ୍କର ସୁନାଗହଣା ଓ ଜିନିଷପତ୍ରର ତାଲିକା ସହ ଉପସ୍ଥିତ ହେବାକୁ ସମୟ ଦିଆଯାଇଥିଲା । ଦରଖାସ୍ତକାରିଣୀ ଓ ତାଙ୍କର ଝିଅର ଏକକାଳୀନ ଭରଣପୋଷଣ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଉଭୟପକ୍ଷ ଏଥିରେ ରାଜି ହେଲେ । ଟୁନା ଦାସ ନିଷ୍ପତ୍ତି ପ୍ରକାରେ ସୁକାନ୍ତିକୁ ତା'ର ସମସ୍ତ ଜିନିଷପତ୍ର ସହ ଏକକାଳୀନ ଭରଣପୋଷଣ ଦେଇଥିଲେ । ଉଭୟଙ୍କର ନିଷ୍ପତ୍ତି ମୁତାବକ ଉପଯୁକ୍ତ ଅଦାଲତରେ ଛାଡପତ୍ର ମଧ୍ୟ ହୋଇଯାଇଥିଲା ।

**ଜିଲ୍ଲା :** ଖୋର୍ଦ୍ଧା / ଭୁବନେଶ୍ୱର **କେସ୍ ନଂ :** ୨୧୭/୧୮

**ପକ୍ଷ :** ବବିତା ବେଉରା **ଅପରପକ୍ଷ :** ରଂଜନ ବେଉରା

**କେସ୍ ପ୍ରକାର :** ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଦରଖାସ୍ତକାରିଣୀ ବବିତା ବେଉରା ଏଠାରେ ତାଙ୍କ ସ୍ୱାମୀ ରଂଜନ ବେଉରାଙ୍କ ବିରୁଦ୍ଧରେ ଘରୋଇ ହିଂସା ଉପରେ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗର ସେ ତାଙ୍କ ସ୍ୱାମୀ ରଂଜନ ବେଉରାଙ୍କୁ ୨୦୦୭ ମସିହାରେ ବିବହା କରିଥିଲେ । ଉଭୟଙ୍କର ବୈବାହିକ ଜୀବନକାଳରେ ସେମାନେ କୌଣସି ସନ୍ତାନ ସନ୍ତତିର ଜନକ ଜନନୀ ହୋଇନାହାଁନ୍ତି । ଉଭୟ ଏକାଠି ୩ ମାସ ଭଲରେ ଭଲରେ ଥିଲେ । ତିନିମାସ ପରେ ତାଙ୍କ ସ୍ୱାମୀ ତାଙ୍କ ସମ୍ପର୍କୀୟ ଭଉଣୀ ସହ ସମ୍ପର୍କ ରଖି ବିଭିନ୍ନ ଜାଗାକୁ ବୁଲିବାକୁ ଯାଆନ୍ତି । ମାସ ମାସ ଧରି ଅନ୍ୟ ଜାଗା ବନ୍ଧୁବାନ୍ଧବଙ୍କ ଘରେ ବିତାନ୍ତି । ଏଥିରେ ବିରୋଧ କଲେ ମାଡ ମାରନ୍ତି । ପେଟ୍ରୋଲ ପକାଇ ପୋଡିଦେବାକୁ ଧମକ ଦିଅନ୍ତି । ସ୍ୱାମୀ ସବୁବେଳେ ଉକ୍ତ ଝିଅ କଥାରେ ପରିଚାଳିତ ହୁଅନ୍ତି ।

ଏସବୁ ନେଇ ତାଙ୍କ ଭିତରେ ତିକ୍ତତା ହୁଏ । ଏଥିପାଇଁ ବାରମ୍ଭାର ସମାଧାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଏପରିକି ମହିଳା ଥାନା ଭୁବନେଶ୍ୱରରେ ବବିତା ଜଣାଇଥିଲେ । ଉଭୟ ଏକାଠି ଅଢେଇ ମାସ ରହିବା ପରେ ଏଥିପାଇଁ ବବିତା ପୁନଷ୍ଚ ବାପା ଘରେ ଆଶ୍ରୟ ନେଇଥିଲେ । ଏଥିପାଇଁ ବବିତା କୋର୍ଟରେ ଭରଣପୋଷଣ case କରିଥିଲେ ।

ଏହିସବୁ ନେଇ ଆୟୋଗରେ ଦୁଇପକ୍ଷଙ୍କ ମଧ୍ୟରେ ଆପୋଷରେ ମିଳାମିଶା ପାଇଁ ଚେଷ୍ଟା କରାଗଲା । ବବିତାଙ୍କ ସ୍ୱାମୀ ରଂଜନ ବବିତାକୁ ପାଖରେ ରଖିବାକୁ ରାଜି ହୋଇଥିଲେ କିନ୍ତୁ ବବିତା ରାଜି ହେଲେନାହିଁ । ଏଥିପାଇଁ ରଂଜନଙ୍କୁ ବବିତାଙ୍କୁ ଦୁଇମାସ ପର୍ଯ୍ୟନ୍ତ ଦୁଇ ହଜାର ଟଙ୍କା ଲେଖାଏଁ ମାସିକ ଦେବା ସହ Phone ରେ ବାର୍ତ୍ତାଳାପ କରିବାକୁ ପରାମର୍ଶ ଦିଆଯାଇଥିଲା । କିନ୍ତୁ ଉଭୟ ଭଲରେ କଥାବାର୍ତ୍ତା ହୋଇନଥିଲେ । ଏଥିପାଇଁ ସେମାନଙ୍କ ମଧ୍ୟରେ ଆଉ ଏକ ତାରିଖ ଧାର୍ଯ୍ୟ କରାଯାଇ counselling କରାଯାଇଥିଲା । ଆଲୋଚନାରେ ବବିତା ରଂଜନ ସହ ରହିବାକୁ ଚାହୁଁ ନାହାଁନ୍ତି ବୋଲି ରୋକ୍‌ଠୋକ୍ ମନା କରିଥିଲେ । ଏହାକୁ ନେଇ ଆୟୋଗ ତରଫରୁ ରଂଜନଙ୍କୁ ବବିତାଙ୍କୁ ଏକକାଳୀନ ଭରଣପୋଷଣ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା ଏବଂ ବିବାହ ବେଳର ଜିନିଷପତ୍ର ସୁନାଗହଣା ଧାର୍ଯ୍ୟ ସମୟ ମଧ୍ୟରେ ଦିଆଯାଇଥିଲା । ଶେଷରେ ରଂଜନ ନିଷ୍ପତ୍ତିକୁ ମାନି ବବିତାଙ୍କୁ ତାଙ୍କର ସମସ୍ତ ସ୍ତ୍ରୀଧନ ସହ ଏକକାଳୀନ ଭରଣପୋଷଣ ଆୟୋଗରେ ଦାଖଲ କରିଥିଲେ । ବବିତାଙ୍କ ଏକକାଳୀନ ଭରଣପୋଷଣ ଆୟୋଗ Account ରେ ଗଚ୍ଛିତ ଥିଲା । ପରେ ଉଭୟଙ୍କୁ ଛାଡପତ୍ର ପାଇଁ court ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଥିଲା । ଉଭୟଙ୍କ ଛାଡପତ୍ର ହୋଇଯିବା ପରେ ବବିତା ତାଙ୍କର ଏକକାଳୀନ ଭରଣପୋଷଣ ନେଇ ଯାଇଛନ୍ତି ।

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର                    କେସ୍ ନଂ : ୩୯/୧୯

ପକ୍ଷ : ମାଳତୀ ସାହୁ                    ଅପରପକ୍ଷ : ବାବୁ ସାହୁ

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଦରଖାସ୍ତକାରିଣୀ ମାଳତୀ ସାହୁ ଏଠାରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ନେଇ ଅଭିଯୋଗ ଦେଇଥିଲେ । ଅଭିଯୋଗରେ ସେ ତାଙ୍କ ସ୍ୱାମୀଙ୍କୁ ୨୦୦୪ ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର ଗୋଟିଏ ମାସ ଭଲରେ ଚଳିବା ପରେ ଶାଶୁଘର ଲୋକେ ଓ ସ୍ୱାମୀ ମିଶି ନିର୍ଯ୍ୟାତନା ଦେଇ ଅଧିକ ସୁନା ଓ ଗାଡି ଆଣିବାକୁ ଦାବି କରନ୍ତି । ସେ ସକ୍ଷମ ମୁତାବକ ଜିନିଷପତ୍ର ସୁନା ଦେଇଥିଲେ ମଧ ଶାଶୁଘର ପରିବାରବର୍ଗ ସନ୍ତୁଷ୍ଟ ନଥିଲେ । ଚନ୍ଦ୍ରକଙ୍କ ସ୍ୱାମୀ ମଦ୍ୟପାନ କରି ଅକଥନୀୟ ଭାବେ ଅତ୍ୟାଚାର କରନ୍ତି । ଶେଷରେ ମାଳତୀର ସ୍ୱାମୀ ବାବୁ ସାହୁ ତାଙ୍କ ଭଉଣୀ ଓ ଭଣଜାଙ୍କ ବୁଦ୍ଧିରେ ପରିଚାଳିତ ହୋଇ ତାଙ୍କୁ ଘରୁ ଡାଢି ଦେଇଥିଲେ । ମାଳତୀ ତାଙ୍କ ସାନପୁଅ ସହ ବାପା ଘରେ ରହୁଥିବାବେଳେ ତାଙ୍କ ସ୍ୱାମୀ ବାବୁ ସାହୁ ବଡପୁଅକୁ ନେଇ ଭଉଣୀ ଘରେ ରହୁଥିଲେ ।

ସମସ୍ତ ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବେ ଆୟୋଗରେ ଆଲୋଚନା କରାଗଲା । ଆଲୋଚନାରେ ପ୍ରତିପକ୍ଷ ତାଙ୍କ ଦୋଷକୁ ସ୍ୱୀକାର କରିଥିଲେ । ଆଉ ଏପରି ହେବନାହିଁ ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ । ମାଳତୀ ଭୁବନେଶ୍ୱରରେ ରହି କାମ କରୁଥିବାରୁ ତାଙ୍କ ସ୍ୱାମୀଙ୍କୁ ଭୁବନେଶ୍ୱରରେ ରହି କାମ କରିବାକୁ କୁହାଗଲା । ନିଜ ବଡପୁଅ ଓ ମାଳତୀ ଆଣିଥିବା ବିବାହ ସମୟର ସବୁ ଜିନିଷପତ୍ର ସହ ଉଭୟ ଏକାଠି ଭୁବନେଶ୍ୱରରେ ରହିବାକୁ ପରାମର୍ଶ ଦିଆଯାଇଥିଲା । ସେମାନଙ୍କୁ ଏକାଠି ହୋଇ ଚଳିବାର ଦୁଇ ମାସ ପରେ ଆୟୋଗରେ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା । ସେମାନେ ତାରିଖରେ ଆସି ଏକାଠି ଭଲରେ ଅଛନ୍ତି ବୋଲି ପ୍ରକାଶ କରିଥିଲେ । ସେମାନଙ୍କର ବର୍ତ୍ତମାନ ଆଉ କୌଣସି ସମସ୍ୟା ନାହିଁ ।

•

(ସ୍ୱାମୀ-ସ୍ତ୍ରୀଙ୍କ ମଧରେ ଉତ୍ତମ ବୁଝାମଣା ଗୋଟିଏ ପରିବାକୁ ସ୍ୱର୍ଗ କରେ ।)

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର                    କେସ୍ ନଂ : ୨୧୬/୧୮

ପକ୍ଷ : ମଞ୍ଜୁଲତା ସାହୁ                    ଅପରପକ୍ଷ : ପ୍ରଶାନ୍ତ ରଥ

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

ଅଭିଯୋଗକାରିଣୀ ମଂଜୁଲତା ସାହୁ ଏଠାରେ ପ୍ରଶାନ୍ତ ରଥଙ୍କ ନାମରେ ଘରୋଇ ହିଂସା case କରିଛନ୍ତି । ଅଭିଯୋଗରେ ପ୍ରଶାନ୍ତ ରଥ ତାଙ୍କୁ ପୁରୀ ଜଗନ୍ନାଥ ମନ୍ଦିରରେ ସିନ୍ଦୁର ପିନ୍ଧାଇ ବିବାହ କରିଥିଲେ ଏବଂ ତାଙ୍କର ବର୍ତ୍ତମାନ ଦାୟିତ୍ୱ ନେଉ ନାହାଁନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ଘଟଣାକୁ ନେଇ ପ୍ରତିପକ୍ଷଙ୍କୁ ଆୟୋଗ ତରଫରୁ ବାରମ୍ବାର ନୋଟିସ / ସମନ ସତ୍ତ୍ୱେ ସେ ନ ଆସିବାରୁ ତାଙ୍କୁ Phone contact କରାଯାଇଥିଲା । କିନ୍ତୁ ପ୍ରଶାନ୍ତ ଠିକ୍ ରୂପେ କଥାବାର୍ତ୍ତା ନ ହେବାରୁ ପ୍ରଶାନ୍ତ କାମ କରୁଥିବା ବସ୍‌ର ମାଲିକଙ୍କ ସହ contact କରାଯାଇ ତାଙ୍କ ମାଧ୍ୟମରେ ପ୍ରଶାନ୍ତକୁ ଆୟୋଗରେ ଉପସ୍ଥିତ ହେବାକୁ ତାରିଖ ଦିଆଯାଇଥିଲା ।

ଉଭୟପକ୍ଷ ଏକାଠି ଉପସ୍ଥିତ ହେବା ପରେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା । ପ୍ରଶାନ୍ତ କୁହନ୍ତି- ମଂଜୁଲତା ବିବାହିତ ତା'ର ଛୁଆପିଲା ଅଛନ୍ତି । ମଂଜୁଲତା ତାଙ୍କ ଗାଡିରେ ଯିବା ଆସିବା କରେ । ସେ ତାକୁ ଟଙ୍କା ପଇସା ଏବଂ କାମ ଦାମରେ ସାହାଯ୍ୟ କରନ୍ତି । ତାଙ୍କ ସ୍ୱାମୀଙ୍କର ରୋଜଗାର କମ୍ ଥିବାରୁ ଚଳିବା କଷ୍ଟକର ହୁଏ ବୋଲି ତାଙ୍କୁ କୁହନ୍ତି । ସେଥିପାଇଁ ସେ ସାହାଯ୍ୟ କରିଛନ୍ତି ବୋଲି ପ୍ରକାଶ କଲେ । ମଂଜୁଲତା ବିବାହ କରି ନାହାନ୍ତି ବୋଲି କହିଥିଲେ । ପ୍ରଶାନ୍ତ କୁହନ୍ତି- ସେ ନିଜେ ବିବାହିତ ତାଙ୍କର ପୁଅ ଓ ଝିଅ ଅଛନ୍ତି । ଏହିସବୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଆୟୋଗ ତରଫରୁ ବାରମ୍ବାର ନୋଟିସ ତାରିଖ ଇତ୍ୟାଦି ଦିଆଯାଇଥିଲା ଏବଂ ମଂଜୁଲତାର ବିବାହ ଘଟଣା ନେଇ ସାକ୍ଷୀ ଭଦ୍ରଲୋକ ଓ ତାଙ୍କ ସ୍ୱାମୀଙ୍କ ପରିଚୟ ଇତ୍ୟାଦି ପ୍ରତି ମଗାଯାଇ ତାଙ୍କୁ ସମୟ ଦିଆଯାଇଥିଲା । କିନ୍ତୁ ଉଭୟ ଶେଷରେ ନିଜ ନିଜ କଥାରେ ସମାଧାନ କରିବାକୁ ଚାହିଁଲେ । ଏଥିପାଇଁ ଦୁଇପକ୍ଷଙ୍କ ମଧ୍ୟରେ ପୁନଶ୍ଚ ଆଲୋଚନା କରାଗଲା ଓ ପ୍ରଶାନ୍ତକୁ ମଂଜୁଲତାର ପୂର୍ବ ଦାୟିତ୍ୱ ନେଇ ଚଳିବାକୁ ପରାମର୍ଶ ଦିଆଗଲା । ଉଭୟପକ୍ଷ ଏକାଠି ହୋଇ ଚଳିବାକୁ ଅଙ୍ଗୀକାରବଦ୍ଧ ହୋଇଥିଲେ ।

•

ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର

କେସ୍ ନଂ : ୩୧/୧୮

.......................................................................................

ପକ୍ଷ : ପାର୍ବତୀ ନାୟକ

ଅପରପକ୍ଷ : ସାଗର ନାୟକ

.......................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

.......................................................................................

ଦରଖାସ୍ତକାରିଣୀ ପାର୍ବତୀ ନାୟକ ତାଙ୍କ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କ ନାମରେ ଏଠାରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ନେଇ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗରେ ସେ ୨୦୧୭ ମସିହାରେ ସାଗରଙ୍କୁ ବିବାହ କରିଥିଲେ । ବିବାହ ଦୁଇମାସ ଭଲରେ ଚଳିବା ପରେ ସାଗର ନିଶାଦ୍ରବ୍ୟ ସେବନ କରି ଯୌତୁକ ପାଇଁ ତାଙ୍କୁ ବାଡାବାଡି କରନ୍ତି । କାହା ସହ କଥାବାର୍ତ୍ତା ହେବାକୁ ସୁଯୋଗ ଦିଅନ୍ତି ନାହିଁ । ସାଗର ପାଖରୁ ତାଙ୍କର ଏକ ପୁତ୍ରସନ୍ତାନ ଅଛି । ପୁଅ ଦୁଇମାସ ହୋଇଥିବାବେଳେ ସାଗର ତାଙ୍କ ସ୍ତ୍ରୀ ପୁଅକୁ ଶ୍ୱଶୁର ଘରେ ଛାଡି ଦେଇଥିଲେ । ପରେ ପାର୍ବତୀର ବାପା ଘରେ ଚଳିବା ଅକ୍ଷମ ଥିବାରୁ ସେ ତା' ବିଧବା ମାଉସୀ ପାଖରେ ଆଶ୍ରୟ ନେଇ ରହିଥିଲେ । କିନ୍ତୁ ସାଗର ପୁଅର କି ସ୍ତ୍ରୀର କୌଣସି ଦାୟିତ୍ୱ ନେଇନଥିଲେ ।

ଏଥିପାଇଁ ଆୟୋଗରୁ ସାଗର ଓ ତାଙ୍କ ବାପା ମା'ଙ୍କୁ ଯୋଗାଯୋଗ କରାଯାଇଥିଲା । ସେମାନେ ଅନୁପସ୍ଥିତ ରହିଥିବାରୁ ତାଙ୍କୁ Phone contact କରାଯାଇ ନ ଆସିବାର କାରଣ ପଚାରାଯାଇ ତାରିଖ ଦିଆଯାଇଥିଲା । ତାରିଖରେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯିବାରେ ସାଗର ଓ ତାଙ୍କ ବାପା ମା' ପାର୍ବତୀ ଭଲରେ ଯାଇ ଆଉ ଫେରୁନି କହିଥିଲେ । ପାର୍ବତୀ କୁହେ ସାଗର ତାଙ୍କ ବାପା ମା କଥାରେ ପରିଚାଳିତ ହୋଇ ତାଙ୍କୁ ମାଡ ମାରେ । ଶ୍ୱଶୁର ମଧ୍ୟ ତାଙ୍କୁ ଗାଳି କରନ୍ତି । ପାର୍ବତୀ ଶ୍ୱଶୁର ଘର ଲୋକଙ୍କ ଅତ୍ୟାଚାରରେ ଭୟଭୀତ ବୋଲି ଏସବୁ ନେଇ ଉଭୟଙ୍କ ମଧ୍ୟରେ ଏକାଠି ମିଳାମିଶା କରିବା ନେଇ ସେମାନଙ୍କୁ ସମୟ ଦିଆଯାଇ Counselling କରାଗଲା ଏବଂ ସେମାନଙ୍କୁ ଏକାଠି ହୋଇ ଚଳିବାକୁ ପରାମର୍ଶ ଦିଆଗଲା । ଉଭୟପକ୍ଷ ଏଥିରେ ସହମତି ପ୍ରକାଶ କରିଥିଲେ ।

•

(ସ୍ନେହ-ଶ୍ରଦ୍ଧା-ଭଲପାଇବା ହିଁ ମଣିଷ ପାଇଁ ଈଶ୍ୱରଙ୍କ ଶ୍ରେଷ୍ଠ ଉପହାର ।)

ଜିଲ୍ଲା : କେନ୍ଦ୍ରାପଡ଼ା — କେସ୍ ନଂ : ୯୬/୧୯

ପକ୍ଷ : ମଧୁ କର — ଅପରପକ୍ଷ : ପ୍ରଶାନ୍ତ ପତି

କେସ୍ ପ୍ରକାର : ଝିଅ ପସନ୍ଦର କ୍ୱାଇଁ ନ ହୋଇଥିବାରୁ ଅଭିଯୋଗ

ମଧୁ ଅଭିଯୋଗ କରନ୍ତି ତାଙ୍କର ସମ୍ମତି ବିନା ତାଙ୍କ ପିତାମାତା ପ୍ରସାଦଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ବିବାହ ପରେ ଶାଶୁ ଘରେ ସ୍ୱାମୀ ମଧୁଙ୍କ ସହ ସମ୍ପର୍କ ରଖିବାକୁ ବାଧ କରି ବହୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବାରୁ ମଧୁ ବାପଘରକୁ ପଳାଇ ଆସିଥିଲେ । ମାତ୍ର ପିତାମାତା ତାଙ୍କୁ ସ୍ୱାମୀ ପାଖକୁ ଫେରିବାକୁ ବାଧ କରିବାରୁ ସେ ଘରୁ ଲୁଚି ପଳାଇ ଆସି ଭୁବନେଶ୍ୱରରେ ଚାକିରି କରି ଚଳୁଛନ୍ତି । ସ୍ୱାମୀ ଓ ପିତାମାତା ତାଙ୍କ ଚାକିରି ସ୍ଥାନକୁ ଆସି ତାଙ୍କୁ ନେଇ ଯିବାର ଧମକ ଦେବାରୁ ସେ କମିଶନର ଦ୍ୱାରସ୍ଥ ବୋଲି ଅଭିଯୋଗ କରିଥିଲେ । ମଧୁ ତୁରନ୍ତ ନ୍ୟାୟ ପାଇଁ ଅନୁରୋଧ କରିବାରୁ ମଧୁଙ୍କ ଶାଶୁ ଶ୍ୱଶୁର ଓ ପିତାମାତାଙ୍କୁ ଫୋନ ମାଧ୍ୟମରେ ଡକାଯାଇ ଆଲୋଚନା କରାଯାଇଥିଲା । ପରେ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଡକାଯାଇଥିଲା ।

ବାରମ୍ବାର ଉଭୟପକ୍ଷଙ୍କୁ ଏକତ୍ର ଡକାଯାଇ ଆଲୋଚନା ପରେ ଜଣାପଡିଲା ମଧୁ ଅନ୍ୟ ଏକ ଯୁବକଙ୍କୁ ଭଲପାଉଥିଲେ । ମାତ୍ର ତାଙ୍କ ଜାତିର ଉକ୍ତ ଯୁବକ ହୋଇନଥିବାରୁ ତାଙ୍କ ପିତା ରାଜି ନ ହୋଇ ନିଜ ପିଲାଦିନର ସାଙ୍ଗର ପୁଅ ସହ ବିବାହ ଦେଇଥିଲେ । ମଧୁଙ୍କ ସ୍ୱାମୀ ଏବେ ମଧ୍ୟ ମଧୁଙ୍କୁ ଫେରାଇ ନେବାକୁ ରାଜିଥିଲେ । ମାତ୍ର ମଧୁ ତାଙ୍କ ପ୍ରେମିକଙ୍କ ପାଖକୁ ଫେରିବାକୁ ଜିଦ୍ କରିବାରୁ ଉକ୍ତ ଯୁବକଙ୍କୁ ମଧ୍ୟ ଡକାଯାଇଥିଲା । ମାତ୍ର ଉକ୍ତ ଯୁବକ ସ୍ପଷ୍ଟ ଭାବରେ ଆଉ କାହାର ସ୍ତ୍ରୀକୁ ଗ୍ରହଣ କରିପାରିବେ ନାହିଁ ଜଣାଇ ମନା କରିଦେଇଥିଲେ । ଶେଷରେ ମଧୁ ତାଙ୍କ ଆତ୍ମସମ୍ମାନ ପାଇଁ ଏକୁଟିଆ ରହିବାକୁ ଓ ସେ ଉଚ୍ଚ ଶିକ୍ଷିତା ହୋଇଥିବାରୁ ନିଜେ ରୋଜଗାରରେ ଏକା ଚଳିବେ ବୋଲି ସ୍ଥିର କଲେ । କିନ୍ତୁ ତାଙ୍କ ସୁରକ୍ଷା ପାଇଁ ତାଙ୍କ ପିତାମାତାଙ୍କ ସହ ଆଲୋଚନା କରାଯାଇ ପିତାମାତାଙ୍କ ସହ ସମ୍ପର୍କ ରଖି ତାଙ୍କ ପାଖକୁ ଯିବା ଆସିବା କରିବାକୁ ନିଷ୍ପତ୍ତି ନିଆଗଲା । ସେ ଚାହିଁଲେ ଛାଡପତ୍ର case କରିବାକୁ ପରାମର୍ଶ ଦିଆଗଲା । 'ନିଜର ଆତ୍ମ ସମ୍ମାନ ହିଁ ନିଜର ଶ୍ରେଷ୍ଠ ବଳ' ।

ଜିଲ୍ଲା : କେନ୍ଦ୍ରାପଡ଼ା

କେସ୍ ନଂ : ୧୫୬/୧୯

ପକ୍ଷ : ଜୟା ମହାନ୍ତି

ଅପରପକ୍ଷ : ରଙ୍ଗଲତା ରଥ


କେସ୍ ପ୍ରକାର : ପରକୀୟା ପ୍ରୀତି ଜନିତ ଅଭିଯୋଗ

ଦରଖାସ୍ତକାରିଣୀ ଜୟା ତା.୩୦.୦୮.୧୯ରିଖରେ ଏକ ଅଭିଯୋଗ ଦେଇ ଜଣାନ୍ତି ପ୍ରତିପକ୍ଷ ରଙ୍ଗଲତା ତାଙ୍କ ସ୍ୱାମୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ସହ ଅନୈତିକ ସମ୍ପର୍କ ଏକବର୍ଷ ତଳୁ ରଖିବା ଦ୍ୱାରା ତାଙ୍କର ୯ ବର୍ଷର ବୈବାହିକ ଜୀବନରେ ଦୁଇଟି କନ୍ୟା ସନ୍ତାନ ଥାଇ ସେ ବହୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନର ଶିକାର ହୋଇଛନ୍ତି । ଉଭୟ ସେମାନଙ୍କର ଅନୈତିକ ସମ୍ପର୍କକୁ Social Media ରେ video କରି ତାଙ୍କ ପାଖକୁ ପଠାଇବାରୁ ସେ ମାନସିକ ଅବସାଦ ଭୋଗୁଥିବା ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣିବାକୁ କମିଶନର ଦ୍ୱାରସ୍ଥ ବୋଲି ଜଣାନ୍ତି ।

କମିଶନ ତରଫରୁ ଉଭୟ ପକ୍ଷଙ୍କୁ ଏକାଧିକ ଥର ନୋଟିସ ପ୍ରେରଣ କରି Counselling କରାଯାଇଥିଲା । ଦରଖାସ୍ତକାରିଣୀ ତାଙ୍କ ସ୍ୱାମୀ ଓ ଉକ୍ତ ଅଭିଯୁକ୍ତ ଯୁବତୀଙ୍କୁ ଏକତ୍ର ଡକାଯାଇ ଆଲୋଚନା କରାଗଲା । ଉକ୍ତ ଅଭିଯୁକ୍ତ ଯୁବତୀ ଅଭିଯୋଗକୁ ସ୍ୱୀକାର କରିବା ସହ ତାଙ୍କର ଲିଖିତ ବୟାନ ଦେଇ ଭବିଷ୍ୟତରେ ଜୟାଙ୍କ ସ୍ୱାମୀଙ୍କ ସହ କୌଣସି ସମ୍ପର୍କ ନ ରଖିବାକୁ ଲିଖିତ ପ୍ରତିଶ୍ରୁତି ଦେଲେ । ଜୟାଙ୍କ ସ୍ୱାମୀ ମଧ୍ୟ ଉକ୍ତ ଯୁବତୀଙ୍କ ସହ ଭବିଷ୍ୟତରେ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପର୍କ ନ ରଖିବାକୁ ଲିଖିତ ପ୍ରତିଶ୍ରୁତି ଦେଲେ । ଉଭୟ ନିଜ ନିଜର sim card ମଧ୍ୟ କମିଶନରେ ନଷ୍ଟ କରିଦେଲେ । ଏବେ ଅଭିଯୋଗକାରିଣୀ ଜୟା ତାଙ୍କ ସ୍ୱାମୀଙ୍କ ସହ ଏକ ସୁଖୀ ସଂସାର ସ୍ଥାପନ କରି ସୁଖରେ ଅଛନ୍ତି ।

•

(ସଂସ୍କାର ପଥରେ ଚାଲିଲେ ମାର୍ଜିତ ଏବଂ ସଂଯତ ଜୀବନଯାପନ ସମ୍ଭବ ।)



କିଲ୍ଲା : କେନ୍ଦ୍ରାପଡ଼ା କେସ୍ ନଂ : ୧୫୬/୧୯

................................................................................

ପକ୍ଷ : କୁମୁଦ ମାହନ୍ତ ଅପରପକ୍ଷ : ଇନ୍ଦ୍ର ମାହନ୍ତ

................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

................................................................................

କୁମୁଦ ତା.୧୧.୦୬.୧୯ରିଖରେ କମିଶନରେ ଅଭିଯୋଗ ଦେଇ ଜଣାନ୍ତି ଶାଶୁ ଶ୍ୱଶୁରଙ୍କ କୁପ୍ରରୋଚନାରେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ବାରମ୍ବାର ଅସଭ୍ୟ ଭାଷା କହି ଘରୁ ବାହାର କରି ଦେଇଛନ୍ତି । ସେମାନେ ତାଙ୍କଠାରୁ ଅଧିକ ଯୌତୁକ ଦାବି କରି ତାଙ୍କୁ ଓ ତାଙ୍କ ପିତାମାତାଙ୍କୁ ଶୋଧାବକା କରନ୍ତି । କିରୋସିନି ଢାଳି ଜିଅନ୍ତା ଜାଳିଦେବାକୁ ମଧ ଶାଶୁଘର ପରିବାର ଧମକ ଦେଇଛନ୍ତି ବୋଲି ସେ ଜଣାନ୍ତି । ସେ ସ୍ୱାମୀ ସହ ଅଲଗା ରହି ଘରସଂସାର କରିବେ ବୋଲି ପ୍ରାର୍ଥନା କରନ୍ତି । ଉଭୟପକ୍ଷଙ୍କୁ ଏକାଧିକଥର ନୋଟିସ କରି ଆପୋଷ ଆଲୋଚନା କରାଯାଇ ମିଳାମିଶା କରିବାକୁ ବ୍ୟବସ୍ଥା କରାଗଲା ।

ଉଭୟ ଅଲଗା ଘରଭଡା ନେଇ ପରିବାର ଠାରୁ ଅଲଗା ଚଳୁଛନ୍ତି । ସେମାନଙ୍କ ମଧରେ ପୂର୍ବ ତିକ୍ତତା ଆଉ ନଥିବା ଜଣାଇ ସେମାନେ ପୁନର୍ବାର କମିଶନ୍‌ରେ ଉପସ୍ଥିତ ହୋଇ ଜଣାନ୍ତି । ପ୍ରତି ୬ମାସରେ ଥରେ କମିଶନରେ ଉପସ୍ଥିତ ହୋଇ ସେମାନଙ୍କ ରହଣି ସମ୍ବନ୍ଧରେ ଜଣାଇବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଆଜି ପର୍ଯ୍ୟନ୍ତ ସେମାନେ ସୁଖ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ଜଣାନ୍ତି । ଦରଖାସ୍ତକାରିଣୀ କୁମୁଦ ମାହନ୍ତଙ୍କ ସମସ୍ତ ସମସ୍ୟାର ଅନ୍ତ ଘଟିଛି ।

•

(ନାରୀ ହିଁ ଗୋଟିଏ ପରିବାରର ରକ୍ଷାକର୍ତ୍ତା । ଏଣୁ ଆସନ୍ତୁ ନାରୀକୁ ସମ୍ମାନ ଦେବା ।)



ଜିଲ୍ଲା : ଯାଜପୁର

କେସ୍ ନଂ : ୧୦୨/୧୯

.............................................................................................................

ପକ୍ଷ : ଜସ୍ମିନ ପରିଡ଼ା

ଅପରପକ୍ଷ : ସୁଲେମାନ ପିଙ୍ଗୁଆ

.............................................................................................................

କେସ୍ ପ୍ରକାର : ଅନୈତିକ ସମ୍ପର୍କ ଜନିତ ଘରୋଇ ହିଂସା ଘଟଣା

.............................................................................................................

ଜସ୍ମିନ ଅଭିଯୋଗ କରନ୍ତି ୧୭ ବର୍ଷର ବୈବାହିକ ଜୀବନରେ ୧୪ ବର୍ଷର ପୁଅ ଓ ୧୨ ବର୍ଷର ଝିଅ ଅଛି । ସ୍ୱାମୀ ୨ବର୍ଷତଳୁ ତାଙ୍କର ଏକ ନାତି ସମ୍ପର୍କ ହେବ ଯୁବକ ସହ ଅନୈତିକ ସମ୍ପର୍କ ଥିବା ସନ୍ଦେହ କରି ତାଙ୍କୁ ମାରପିଟ କରି ପିଲାଙ୍କୁ ଛଡାଇ ରଖି ଘରୁ ବାହାର କରି ଦେଇଥିଲେ । ସେ ଆନ୍ଧ୍ର ପଳାଇଯାଇ ସେଠାରେ ଦିନମଜୁରିଆ ଭାବେ କାମକରି ନିଜର ଭରଣ ପୋଷଣ କରୁଥିବା ଜଣାନ୍ତି । ସ୍ୱାମୀ ଅନ୍ୟ ଏକ ଝିଅକୁ ୨ୟ ସ୍ତ୍ରୀ ଭାବେ ଗ୍ରହଣ କରି ପାଖରେ ରଖିଛନ୍ତି । ସ୍ୱାମୀ ତାଙ୍କୁ କଟୁରିରେ ହାଣି ଦେବାକୁ ଚେଷ୍ଟା କରିଥିବାରୁ ସେ ସ୍ୱାମୀ ପାଖକୁ ଫେରିବାକୁ ନାରାଜ । ସେ ପିଲାମାନଙ୍କ ପାଖକୁ ଯାଇ ତାଙ୍କୁ ଦେଖାକରି ତାଙ୍କୁ ଟଙ୍କାପଇସା ସାହାଯ୍ୟ ସହଯୋଗ କରି ମଝିରେ ମଝିରେ ବୁଝାସୁଝା କରୁଥିବାର ସ୍ୱାମୀ କହିଲେ, ମାତ୍ର ସ୍ତ୍ରୀ ସେ ସ୍ୱାମୀ ପାଖରୁ ଛାଡପତ୍ର ଚାହୁଁଥିବା ଜଣାନ୍ତି ।

ଉଭୟପକ୍ଷଙ୍କୁ କମିଶନକୁ ତିନିଥର ନୋଟିସ୍ କରି ଡକାଯାଇ ଆପୋଷ ଆଲୋଚନା କରାଯାଇ ବୁଝାମଣା କରାଗଲା । ଉଭୟ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଛାଡପତ୍ର ପାଇଁ ସେମାନଙ୍କ ସମ୍ପ୍ରଦାୟରେ ଆବେଦନ କରିବାକୁ ଦରଖାସ୍ତକାରିଣୀଙ୍କୁ ପରାମର୍ଶ ଦିଆଗଲା । ପୁଅ ମା' ପାଖରେ ରହିବାକୁ ଚାହିଁବାରୁ ତାଙ୍କୁ ମା'ର ଦାୟିତ୍ୱ ନେଇ ମା' ପାଖରେ ରହିବାକୁ ପରାମର୍ଶ ଦିଆଗଲା । ଜସ୍ମିନ ମଧ୍ୟ ପୁଅ ସହ ରହିବାକୁ ରାଜି ହେଲେ । ଝିଅ କିନ୍ତୁ ବାପା ପାଖରେ ରହିବାକୁ ରାଜି । ସେ ମା ପାଖକୁ ଫେରିବାକୁ ମନାକଲେ । ଉଭୟ ନିଜ ନିଜ ସୁଖ ସୁବିଧାରେ ରହି ପରସ୍ପରକୁ କୌଣସି ପ୍ରକାରେ କ୍ଷତି ନ ପହଞ୍ଚାଇ ଆତ୍ମସମ୍ମାନର ସହ ଅଲଗା ଚଳିବାକୁ ନିଷ୍ପତ୍ତି ନେଲେ । ପରସ୍ପର ପ୍ରତି ଆଉ କୌଣସି ଅଭିଯୋଗ ନଥିବାରୁ ନଥି ବନ୍ଦ କରାଗଲା ।

ଜିଲ୍ଲା : ଗଞ୍ଜାମ

କେସ୍ ନଂ : ୧୫୫/୧୯

..........................................................................................

ପକ୍ଷ : ସବିତା ନାହାକ

ଅପରପକ୍ଷ : ଶିବ ନାହାକ

..........................................................................................

କେସ୍ ପ୍ରକାର : ଚରିତ୍ରଗତ ଘରୋଇ ହିଂସା ଜନିତ ଘଟଣା

..........................................................................................

ସବିତା ତା.୩୧.୧୦.୧୯ରିଖରେ ଅଭିଯୋଗ କରନ୍ତି ୩ ବର୍ଷର ବୈବାହିକ ଜୀବନରେ ସ୍ୱାମୀ ଅଧିକା ଯୌତୁକ ଦାବି କରି ତଥା ତାଙ୍କ ଚରିତ୍ରକୁ ସନ୍ଦେହ କରି ବହୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ସେ ଗର୍ଭଅବସ୍ଥାରେ ଥିବାବେଳେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀ ଘରୁ ବାହାର କରିଦେଇଥିଲେ । ସେ ବାପଘରେ ୩ବର୍ଷ ଏକମାତ୍ର ପୁତ୍ର ସନ୍ତାନ ସହ ଆଶ୍ରୟ ନେଇ ଏବେ ତାଙ୍କର ଓ ପୁଅର ଭରଣପୋଷଣ ସହ ସ୍ୱାମୀଙ୍କ ପାଖକୁ ଫେରିବାକୁ ଆଶାୟୀ ଥିବା ଜଣାନ୍ତି । ଉଭୟଙ୍କୁ ତିନିଥର ନୋଟିସ କରି କମିଶନ ତରଫରୁ ଆପୋଷ ମିଳାମିଶା ପାଇଁ ବ୍ୟବସ୍ଥା କରାଯାଇ ଥିଲା ।

ପ୍ରତିପକ୍ଷ ତାଙ୍କ ପିତାମାତାଙ୍କ ସହ ଆପୋଷ ମିଳାମିଶାର ସମ୍ଭାବନା ନେଇ ଉପସ୍ଥିତ ଥିଲେ । ସେ ସ୍ୱୀକାର କରନ୍ତି ମଦପିଇ ସେ ବେଳେବେଳେ ସ୍ତ୍ରୀକୁ ମାରପିଟ କରନ୍ତି । ସ୍ତ୍ରୀ ସର୍ବଦା ଫୋନରେ ଗପି ତାଙ୍କୁ ଖାଇବାକୁ ଠିକ୍ ସମୟରେ ଦିଏନି । ସ୍ତ୍ରୀ ବାପଘରକୁ ପଳାଇବାରୁ ସେ ପୁଅର ଓ ମା'ର କୌଣସି ଖବର ନେଇ ନାହାଁନ୍ତି । ସେ ନିଜର ଭୁଲ ବୁଝି ସ୍ତ୍ରୀ ପିଲାଙ୍କୁ ପାଖକୁ ଫେରାଇ ନେବାକୁ ରାଜି ହେଲେ । ଅଭିଯୋଗକାରିଣୀ ମଧ୍ୟ ସ୍ୱାମୀ ପାଖକୁ ପୁଅର ଭବିଷ୍ୟତ ପାଇଁ ଫେରିବାକୁ ନିଷ୍ପତ୍ତି ନେଲେ । ପ୍ରତିପକ୍ଷ ଲିଖିତ ବୟାନ ଦେଇ ସ୍ତ୍ରୀକୁ ନିର୍ଯ୍ୟାତନା ନ ଦେବାକୁ ପ୍ରତିଶ୍ରୁତି ଦେଲେ । ଉଭୟ ଏବେ ସୁଖ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିବା ଜଣାନ୍ତି । ସେମାନଙ୍କ ମଧ୍ୟରେ ଆଉ ପୂର୍ବ ତିକ୍ତତା ନଥିବାରୁ ଜଣାଇ ସେମାନେ କମିଶନକୁ ଅବଗତ କରାଇଥିଲେ ।

•

(ନାରୀର ମର୍ଯ୍ୟାଦା ହାନୀ ହେଲାପରି କୌଣସିଟି କର୍ମ ସର୍ବଦା ନିନ୍ଦନୀୟ ।)

କେସ୍ ନଂ : ୩୦/୧୯

ଜିଲ୍ଲା : ଯାଜପୁର

..........................................................................................

ପକ୍ଷ : ପ୍ରଭାତି ସିଂ

ଅପରପକ୍ଷ : ଶ୍ୟାମ ସିଂ

..........................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

..........................................................................................

ଦରଖାସ୍ତକାରିଣୀ ତା.୦୩.୦୪.୨୦୧୯ରିଖରେ ଏକ ଅଭିଯୋଗ ଦେଇ ଜଣାନ୍ତି ଏକବର୍ଷ ୨ ମାସର ବୈବାହିକ ଜୀବନରେ ସ୍ୱାମୀ ଶାଶୁ ଶ୍ୱଶୁର ଅଧିକା ଯୌତୁକ ଦାବି କରି ଘରୁ ବିତାଡିତ କରିଦେଇଥିଲେ । ସେ ବାପଘରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହିବା ପରେ ସମସ୍ୟାର ଆପୋଷ ସମାଧାନ ପାଇଁ କମିଶନର ସହାୟତା ନେଇଥିଲେ । ସେ ସ୍ୱାମୀ ପାଖକୁ ଫେରିବାକୁ ଆଶାୟୀ ଥିଲେ । ମାତ୍ର ସ୍ୱାମୀଙ୍କ ଘରେ ଗାଧୁଆ ଓ ପାଇଖନା ନଥିବାରୁ ସେ ଲଜ୍ଜା ସଂକୋଚ ଯୋଗୁ ସେଠାକୁ ଫେରିବାକୁ ରାଜି ହୋଇପାରୁନାହାଁନ୍ତି । ତେଣୁ ତାଙ୍କର ଦାବି ଥିଲା ସ୍ୱାମୀଘରେ ଗାଧୁଆ ଓ ପାଇଖାନା ହେଲେ ସେ ଫେରିବେ । କମିଶନ ତରଫରୁ ଉଭୟଙ୍କୁ ୭ଥର ଡକାଯାଇ ଆପୋଷ ମିଳାମିଶା ପାଇଁ ଆଲୋଚନା କରାଗଲା । ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଯାଇଥିଲା । ପ୍ରତିପକ୍ଷ ସ୍ୱାମୀଙ୍କୁ କମିଶନ ତରଫରୁ ଗାଧୁଆ ପାଇଖାନା କରି ଏକମାସ ମଧ୍ୟରେ ସ୍ତ୍ରୀ କୁ ପାଖକୁ ଫେରାଇ ନେବାକୁ ପରାମର୍ଶ ଦିଆଯାଇଥିଲା ।

ମାତ୍ର ପ୍ରଭାତି ଶାଶୁ ଘରେ ସ୍ୱାମୀ ଗାଧୁଆ ପାଇଖାନା ନ କରି ପୁନଃ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିବାରୁ ଓ ପ୍ରତିପକ୍ଷ ମଧ୍ୟ କୌଣସି ପ୍ରତିଶ୍ରୁତି ପାଳନ କରିବାରୁ ତାଙ୍କ ସ୍ତ୍ରୀର ଭରଣପୋଷଣ ଯୌତୁକ ଟଙ୍କା ଓ ଯୌତୁକ ସାମଗ୍ରୀ ଫେରସ୍ତ ଦେବାକୁ ପରାମର୍ଶ ଦିଆଗଲା । ପ୍ରତିପକ୍ଷ ସ୍ତ୍ରୀର ସୁନାଗହଣା ଫେରସ୍ତ ଦେବାସହ ଭରଣପୋଷଣ ଦେଇ ଆପୋଷ ଛାଡପତ୍ର ନେବାକୁ ନିଷ୍ପତ୍ତି ନେଲେ ।

(ନାରୀ ସାମାଜିକ ଜୀବନର ଶୃଙ୍ଖଳିତ ନଦୀଧାରା ।)

ଜିଲ୍ଲା : କେନ୍ଦ୍ରାପଡ଼ା                    କେସ୍ ନଂ : ୨୦୬/୧୮

ପକ୍ଷ : ଏଲିନା ଶତପଥୀ                    ଅପରପକ୍ଷ : ପ୍ରମୋଦ ଶତପଥୀ

କେସ୍ ପ୍ରକାର : ସନ୍ତାନ ନ ହେବା ଜନିତ ନିର୍ଯ୍ୟାତନା

ଏଲିନା ପାରିବାରିକ ହିଂସାର ଶିକାର ହୋଇ ମହିଳା ଆୟୋଗ ଭୁବନେଶ୍ୱରରେ ତାଙ୍କ ମା'ଙ୍କ ସହିତ ଆସି ଦରଖାସ୍ତ କରିଥିଲେ । ତାଙ୍କ ବିବାହକୁ ୬ବର୍ଷ ପୂର୍ଣ୍ଣ ହୋଇଥିଲେ ମଧ୍ୟ ସେ ମା' ହୋଇପାରିନାହାଁନ୍ତି । ଉକ୍ତ ଘଟଣାକୁ କେନ୍ଦ୍ର କରି ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ତାଙ୍କୁ ମାଡଗାଳି କରନ୍ତି । ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଘରୁ ଜବରଦସ୍ତ ବାହାର କରିଦେଉଛନ୍ତି । ଜୀବନ ବିକଳରେ ଆସି ଏଲିନା ବାପାଙ୍କ ଘରେ ରହିଛନ୍ତି । ତାଙ୍କ ବାପାଙ୍କର ଆର୍ଥିକ ଅବସ୍ଥା ଭଲନାହିଁ । ସେ କୌଣସି ଥାନା କୋର୍ଟର ଆଶ୍ରୟ ମଧ୍ୟ ନେଇପାରିବେ ନାହିଁ । ମହିଳା ଆୟୋଗ ତାଙ୍କ ଦରଖାସ୍ତକୁ ବିଚାରକୁ ନେଇ ଓ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କଲେ ।

ମହିଳା ଆୟୋଗ ତା ୮/୨/୨୦୧୮ ଉଭୟ ପକ୍ଷଙ୍କୁ ନୋଟିସ୍ କରିଥିଲେ କି, ଆୟୋଗରେ ଉପସ୍ଥିତ ରହିବା ପାଇଁ । ଉଭୟପକ୍ଷଙ୍କ କଥା ଶୁଣି ଆଉ ଏକ ତାରିଖ ତା ୪/୪/୧୮ ରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଗଲା । କିନ୍ତୁ କୌଣସି କାରଣ ବଶତଃ ଉଭୟପକ୍ଷ ଅନୁପସ୍ଥିତ ରହିଥିଲେ । ମହିଳା ଆୟୋଗ ତରଫରୁ ତା ୨୭/୧୧/୨୦୧୯ ରେ ଏକ ଶିବିର ଅଦାଲତ କେନ୍ଦ୍ରାପଡାଠାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ସେମାନଙ୍କୁ ନୋଟିସ୍ କରାଯାଇଥିଲା । ଉଭୟପକ୍ଷ ସେଠାରେ ଉପସ୍ଥିତ ରହିଥିଲେ । ଯେହେତୁ ଏଲିନା ମା' ହୋଇ ପାରୁନାହାଁନ୍ତି ତେଣୁ ତାଙ୍କୁ ଘରକୁ ନେବାକୁ ଶାଶୁ ଶ୍ୱଶୁର ଓ ସ୍ୱାମୀ ରୋକ୍‌ଠୋକ୍ ମନା କରିଦେଇଥିଲେ । ମହିଳା ଆୟୋଗ ଉପଲବ୍ଧି କରିଥିଲେ କି, ଡାକ୍ତରଙ୍କ ପରାମର୍ଶ ଆବଶ୍ୟକ । ଏଲିନା ଓ ପ୍ରମୋଦଙ୍କୁ ଏକ ସାଙ୍ଗେ ଡାକ୍ତର ଦେଖାଇବାକୁ ପରାମର୍ଶ ଦେଇଥିଲେ । ଏଥିରୁ ଜଣାଗଲାକି, ଏଲିନା ମା' ହେବାକୁ ଶାରିରୀକ ଭାବେ ସକ୍ଷମ କିନ୍ତୁ ପ୍ରମୋଦ ପିତା ହେବାକୁ ଅକ୍ଷମ, ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ । ତାହା ସପୂର୍ଣ୍ଣ ଭାବେ ଠିକ୍ ହୋଇଯିବ ।

ଏଥିପାଇଁ ମହିଳା ଆୟୋଗ ଏଲିନାଙ୍କୁ ତାଙ୍କ ସ୍ୱାମୀ ଘରକୁ ଯିବାକୁ ପରାମର୍ଶ ଦେଲେ । ଅପର ପକ୍ଷରେ କହିଲେ କି, ଶାଶୁ ଶ୍ୱଶୁର ସ୍ୱାମୀ କେହିବି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବେ ନାହିଁ । ଏଥିରେ ସମ୍ମତି କରି ନିଜର ଭୁଲ୍ ବୁଝିପାରି ସ୍ୱାମୀ ଶାଶୁ ଶ୍ୱଶୁର କାନ୍ଦି ପକାଇଥିଲେ । ଏଲିନାକୁ ସାଙ୍ଗରେ ତାଙ୍କ ଘରକୁ ନେଇଯାଇଥିଲେ । ଗତ ତା ୩୦/୧୨/୨୦୧୯ ରିଖରେ ଉଭୟପକ୍ଷ ଆୟୋଗରେ ଉପସ୍ଥିତ ହୋଇ ଜଣାଇଥିଲେ କି ସେମାନେ ସମସ୍ତେ ଭଲରେ ଓ ଖୁସିରେ ଅଛନ୍ତି । ଏଲିନା ଜଣାଇଥିଲେ କି, ତାଙ୍କର ସ୍ୱାମୀଙ୍କ ସହିତ ଶାରୀରିକ ସମ୍ପର୍କ ଭଲ ଓ ସେ ସମସ୍ତଙ୍କ ସାଙ୍ଗେ ଭଲରେ ଅଛନ୍ତି । ତାଙ୍କ ପରିବାରକୁ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଦେଇ ଭାଙ୍ଗି ଯାଉଥିବା ସଂସାରକୁ ଯୋଡିଥିବାରୁ ମହିଳା ଆୟୋଗ କୃତଜ୍ଞତା ଜଣାଇଛନ୍ତି । ମାତୃତ୍ୱ ପାଇଁ ଯେ କେବଳ ନାରୀଟିଏ ହିଁ ଦାୟୀ ହୋଇଥାଏ ଏହା ଏଠାରେ ମିଥ୍ୟା ପ୍ରମାଣିତ ହୋଇଛି ।

କେସ୍ ନଂ : ୩୮/୨୦

ଜିଲ୍ଲା : ନୟାଗଡ଼

ଅପରପକ୍ଷ : ଶାଶୁ / ଶ୍ୱଶୁର

ପକ୍ଷ : ନିର୍ମଳା (ବୋହୂ)

କେସ୍ ପ୍ରକାର : ବୈଧବ ଜନିତ ନିର୍ଯ୍ୟାତନା

ତା.୦୮.୦୧.୨୦୨୦ରିଖ ନୟାଗଡରୁ ଆସିଥିବା ଏକ କେସର ଶୁଣାଣି ଏକ ଭିନ୍ନ ମୋଡ ନେଇଥିଲା ଯାହା ଆମ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା । ଝିଅଟିର ଥିଲା ବେଦନାଭରା କାହାଣୀ । ଦୁଃଖକୁ ସତେଯେପରି ସାଇତି ଦେଉଥିଲା ତା' ପଣତରେ । କମ୍ ବୟସରେ ଈଶ୍ୱର ତାର ଶଙ୍ଖାସିନ୍ଦୁର ଛଡାଇ ନେଇଥିଲେ । ସ୍ୱାମୀଙ୍କର ଦେହାନ୍ତ ପରେ ଶାଶୁ ଶ୍ୱଶୁରଙ୍କର ଅତ୍ୟାଚାର ବୋହୂ ନିର୍ମଳା ପ୍ରତି ବଢିଯାଇଥିଲା । ନିର୍ମଳାଙ୍କର ସ୍ୱାମୀ ଥିଲେ ଘରର ଏକମାତ୍ର ସନ୍ତାନ । ପୁଅକୁ ହରାଇବା ପରେ ଶାଶୁ ଶ୍ୱଶୁର ବୋହୂକୁ ରଖିବାକୁ ଚାହିଁଲେ ନାହିଁ । ତାଙ୍କର ଅନ୍ଧବିଶ୍ୱାସ ଥିଲା ଯେ ବୋହୂର ବୈଧବ୍ୟ ଦୋଷ ଯୋଗୁ ପୁଅ ତାଙ୍କର ମୃତ୍ୟୁ ବରଣ କଲା । କେବେ ବି ଭାବୁ ନଥିଲେ ଯେ ବୋହୂ ବିବାହର ଅଳ୍ପଦିନରେ ବିଧବା ହୋଇ ଦୁଃଖରେ ଦିନ କାଟୁଛି । ଏହି ଘଟଣାକୁ କେନ୍ଦ୍ରକରି ବୋହୂକୁ ବାପଘରକୁ ବିଦା କରିଦେଲେ । ବୋହୂ ବାଧ୍ୟ ହୋଇ ଶାଶୁ ଶ୍ୱଶୁରଙ୍କ ନାମରେ ମହିଳା ଆୟୋଗରେ ଅଭିଯୋଗ କରି ନ୍ୟାୟ ପାଇବାକୁ ଆବେଦନ କରିଥିଲେ । ଶୁଣାଣି ପାଇଁ ମହିଳା ଆୟୋଗ ତା.୧୨.୦୨.୨୦୨୦କୁ ଉଭୟଙ୍କୁ ଆସିବାକୁ ନୋଟିସ କରିଥିଲେ । ନୋଟିସ ପାଇବାପରେ ଉଭୟପକ୍ଷ ଆୟୋଗରେ ଉପସ୍ଥିତ ହୋଇଥିଲେ । ନିର୍ମଳାଙ୍କ ଅଭିଯୋଗକୁ ଆଧାରକରି ଏହା ଏକ ଘରୋଇ ହିଂସା ବୋଲି ଆୟୋଗ ଉପଲବ୍ଧି କରିଥିଲେ । ଶାଶୁ ଶ୍ୱଶୁରଙ୍କୁ ଅନେକ ବୁଝାସୁଝା କରାଯାଇଥିଲା ଯେ ଯଦି ସେ ବୋହୂକୁ ବାହାର କରିଦିଅନ୍ତି ତେବେ ତାଙ୍କ ଉପରେ ଘରୋଇ ହିଂସା ୨୦୦୫ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏକଥା କୁହାଯାଇଥିଲା ଯେ ଘରେ ରହିବାପାଇଁ ବୋହୂର ଅଧିକାର ଅଛି ଏବଂ ସମ୍ପତିରେ ମଧ ଅଧିକାର ଅଛି । ସେ ଯଦି ଆପଣଙ୍କ ଝିଅ ହୋଇଥାନ୍ତା ତେବେ ଆପଣ କଣ କରିଥାନ୍ତ ? ଶ୍ୱଶୁର ଉତ୍ତର ଦେଇଥିଲେ ମୁଁ ମୋ ଝିଅକୁ ଅନ୍ୟ ଏକ ପୁଅକୁ ବିବାହ କରାଇ ଦେଇଥାନ୍ତି । ମହିଳା ଆୟୋଗ କହିଥିଲେ, ଯେ ଯଦି ଝିଅ ପ୍ରତି ଏଭଳି ସମ୍ବେଦନତା ରହିଛି ତାହାଲେ ବୋହୂ ପାଇଁ କାହିଁକି ନୁହଁ ? ଆପଣମାନେ ଏହି ମାନସିକତା ର ପରିବର୍ତ୍ତନ କରନ୍ତୁ । ବୋହୂକୁ ଆପଣ ନିଜ ଝିଅ କରିନିଅନ୍ତୁ । ତାକୁ ସ୍ନେହ ଶ୍ରଦ୍ଧା ଦିଅନ୍ତୁ । ଆପଣଙ୍କୁ ନିଶ୍ଚିତ ଲାଗିବ ଯେ ଆପଣମାନେ ସନ୍ତାନ ହରା ନୁହଁନ୍ତି । ଆପଣମାନେ ଏକ ଝିଅର ବାପା ମା' ହୋଇ ଖୁସିରେ କାଳାତିପାତ କରିବେ । ସେଦିନର ଘଟଣା ଏକ ଭାବ ବିହ୍ୱଳପୂର୍ଣ୍ଣ ଥିଲା । କ୍ଷଣକ ମଧରେ ଏମିତି ଲାଗିଲା ଯେ ନିର୍ମଳା ତା ଶାଶୁ ଶ୍ୱଶୁରଙ୍କର ଗେହ୍ଲାଝିଅ ପାଲଟି ଯାଇଛି । ଗୋଟିଏ ଥର ଶୁଣାଣିରେ ଶାଶୁ ଶ୍ୱଶୁର ବୋହୂଙ୍କ ଭିତରେ ଏକ ମିଳନର ବାତାବରଣ ସୃଷ୍ଟି କରିଥିଲେ ମହିଳା ଆୟୋଗ । ସୁନ୍ଦର ଜୀବନଟିଏ ଫେରିପାଇଥିଲେ ନିର୍ମଳା । ଶାଶୁ ଶ୍ୱଶୁର ନିର୍ମଳାଙ୍କ ପାଇଁ ଏକ ବର ଖୋଜି ବାହା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ । ମହିଳା ଆୟୋଗ ଏହାକୁ ସ୍ୱାଗତ କରିଥିଲେ । ଦରଖାସ୍ତକାରିଣୀ ନଥିଟିକୁ ବନ୍ଦ କରିବାକୁ ଅନୁରୋଧ କରିଥିଲେ ।

ବୋହୂ ମଧ ଝିଅଟିଏ ହେଇପାରେ ହରିବାବୁ ଓ ପ୍ରଭା ଦେବୀ ଏହାକୁ ପ୍ରମାଣିତ କରିଥିଲେ ।

Dist. : Kandhamal

Case No. 02 / 03 / 2020

Applicant : Mother of the Girls Opponent : Kidnap Victms

Case Type : Mental Torture through Kidnaping

A woman is the full circle, within her is the power to create, nurture and transform. While passing through each step a girl has to think several times, she does not know what is next. It is a true incident of two girls of Kandhamal who came to Bhubaneswar in search of work. Here they met with a boy who said them not to work at Bhubaneswar but to take them to Delhi where they can earn a lot of money.

Trusting this boy, those girls agreed to go with him. But they never knew that they were going to an unknown world. They started their journey towards Delhi, but before reaching Delhi they were asked to get down of train at Jhansi where they were sold to be the wife of two unknown people. Here starts the tragedy of these girls. They were tortured physically and mentally even they were not given food to eat. Mothers of those girls took the help of Women Commission. Women Commission started its process to rescue those girls with the support of Superintendent of Police, Kandhamal. A team was sent to Jhansi and finally those girls were rescued and came back home safely. Women Commission brought back the lost smile of entire family. Whole family came back to the Commission with thankful heart and requested to close the case.

Dist. : Nabarangpur

Case No. 31 / 2019

Applicant : Wife

Opponent : Husband

Case Type : Mental Torture

The empowered woman is powerful beyond measure and beautiful beyond description. No country can ever truly flourish if it stifles the potential of its women and deprives itself of the contributions of half of its citizen.

It is a life story of a woman who says her husband always tortured her for dowry. Several times he raised his hands and finally asked his wife to leave his house. Even the woman complained that her husband was having illicit relationship with his brother's wife.

The Women Commission in order to hear the case noticed both the parties to appear before this Commission. A counselling session started giving both of them a time of four dates. Finally, on the 5th date, they realised that the family was broken and they need to resettle it.

Both husband and wife decided that they will stay together happily, and from this Commission itself, the woman decided to go back with her husband along with her children. The husband also promised to love his wife and children.

The broken family was reunited and till date they are together.



Dist. : Angul

Case No. 131 / 2019

..........................................................................................

Applicant : Wife

Opponent : Husband

..........................................................................................

Case Type : Dowery & Domestic Violence

..........................................................................................

Violence is aggressive behavior within the home typically involving the violent abuse of a spouse or partner. Dowry is exchanged in a majority of Indian weddings. Although it's practice became illegal in 1961, it still flourishes among all social classes. Dowry has remained a prolonged cause for violence in Indian set up. The women are victimized under the torture and are given a degrading status inside home.

Dowry related cases are reported under section 498 A.

Most of the cases filed under this are registered through police station which are further forwarded to court and then hearing takes place. However, very often in this cases it generally takes 2/3 year for a woman to get justice. Justice delayed is always just denied. The long wait for justice makes woman exhaust mentally and physically having moderate to severe consequences in their day to day lives.

The Women Commission, on the other side of the coin, takes immediate action. The women who files a complaint in this case notice to be issued the other party. The process of some cases takes one long year and sometime even with –two dates of hearing, the case comes to a close.

The Commission makes attempt to resolve the plight of women sooner and assures them to an understating from where they have taken their life further to a happy life.

Dist. : Sambalpur

Case No. 256 / 2019

..................................................................................................

Applicant : Anita Dehury

Opponent : School BEO

..................................................................................................

Case Type : Torture by Higer Authority

..................................................................................................

The complainant (Anita Dehury) had complained that her husband being a teacher had been promoted to CRCC and faced certain problem due to the construction of school buildings. His BEO has reverted him from his position also cutting off his smooth salary. This caused the family to face difficult situations due to lack of legitimate entitlements.

Taking this complaint seriously, a date was fixed taking into the priority of enquiry and investigation. Therefore, both the parties were called to the office. During discussion in the presence of both the parties, it became clear that he was reverted due to the construction work (school) and it was instructed to him not to work in any new place (school). Also his salary was not released.

However, after one hearing in presence of both parties, the complainants husband agreed to join the job. On the day of joining, the BEO assured that his earlier salary will be released as soon as possible. And legal steps will be taken over the construction work. It has also been suggested to pay the amount of work he had done earlier.

•






ଓଡ଼ିଶା ରାଜ୍ୟ ମହିଳା ଆୟୋଗ




କର୍ତ୍ତବ୍ୟ ପଥରେ...



